୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.119 Bhubaneswar Friday June 14 2024 | ୨୬ତମ ବର୍ଷ ସଂଖ୍ୟା-୧୧୯ ଭୁବନେଶ୍ୱର, ଶୁକ୍ରବାର, ଜୁନ ୧୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୨୪ ଘଣ୍ଟା ନପୂରୁଣୁ ମୋହନ୍ ମାଝୀଙ୍କ ନାମରେ ଫେକ୍ ଆଇଡି

ଭୁବନେଶ୍ୱର,୧୩।୬(ପି.ଏନ): ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ନାମରେ ଫେକ୍ ଆଇଡି ଖୋଲା ହୋଇଛି। ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀ ହେବାର ୨୪ ଘଣ୍ଟା ନପୁରୁଣୁ ତାଙ୍କ ନାମରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଫେକ୍ ଆକାଉଣ୍ଟ ଖୋଲାଯାଇ ତାଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରାଯାଇଛି। ସେହି ଫେକ୍ ଆକାଉଣ୍ଟରେ ଫେକ୍ ନ୍ୟୁଜ୍ ପୋଷ୍ଟ ହେଉଛି, ଯାହାକି ଅନେକଗୁଡିଏ ଡିଜିଟାଲ ଓ ଟେଲିଭିଜନରେ ପ୍ରକାଶ ପାଇଛି। ଏଘଟଣା ସଂର୍ପରେ ସରକାର ଜାଣିବା ପରେ ସ୍ପଷ୍ଟୀକରଣ ରଖିଛନ୍ତି। ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ପୋଷ୍ଟ କରିଥିବା ପେଜରୁ ଦେଖିବାକୁ ମିଳିଛି ଦୁଇଟି(ଫେକ୍ ? ଓ ପ୍ରକୃତ)ର ମାଷ୍ଟହେଡ୍ ସମାନ ରହିଥିଲା ବେଳେ ଫେକ୍ ଆକାଉଣ୍ଟ @mohanmajhi_BJP ଲେଖାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତ 'ଏକ୍ସ' ଆକାଉଣ୍ଟ ହେଉଛି @MohanModisha। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ https://facebook.com/MohanMOdisha ରହିଥିବା ବେଳେ Instagram https://instagram.com/mohanmodisha/ରହିଛି।




## ଖୋଲିଲା ଶ୍ରୀମନ୍ଦିର ଚ଼ାରିଦ୍ୱାର, ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ପୁରୀ,୧୩।୬(ପି.ଏନ): ମଙ୍ଗଳ ଆଳତି ପରେ ଶ୍ରୀମନ୍ଦିରର ଚ଼ାରିଦ୍ୱାର ଖୋଲିଲା । ବିନାବାଧାରେ ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ସଦସ୍ୟଙ୍କ ଉପସ୍ଥିତିରେ ପୁରୀ ଶ୍ରୀମନ୍ଦିରର ଚ଼ାରିଦ୍ୱାର ଖୋଲିଛି । ତେବେ ଚ଼ାରିଦ୍ୱାର ଖୋଲିବାକୁ ଦୀର୍ଘଦୀନର ଦାବି ଥିଲା ।ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ନୂତନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗତକାଲି ଶପଥ ଗ୍ରହଣ ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶ୍ରୀମନ୍ଦିରକୁ ଯାଇ ଚ଼ାରିଦ୍ୱାର ଖୋଲିବା କାର୍ଯ୍ୟରେ ଉପସ୍ଥିତ ଅଛନ୍ତି ଏଥିସହ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ସହ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ଅଛନ୍ତି । ଏଥିସହ ରାଜ୍ୟର ଦୁଇ ଉପ-ମୁଖ୍ୟମନ୍ତ୍ରୀ ମଧ୍ୟ ଉପସ୍ଥିତ ଅଛନ୍ତି । ଶ୍ରୀମନ୍ଦିରରେ ପୁରୀ ଓ ବାଲେଶ୍ୱର ସାଂସଦ ଉପସ୍ଥିତ ଅଛନ୍ତି।

## ନୂଆ ସରକାର ପ୍ରତିଶୋଧ ପରାୟଣ ନହୋଇ ପ୍ରତିଶ୍ରୁତି ପାଳନ କରିବେ ବୋଲି ଆଶା: ଶଶୀଭୂଷଣ ବେହେରା



ଭୁବନେଶ୍ୱର,୧୩।୬(ପି.ଏନ): ଶ୍ରୀମନ୍ଦିରର ଚ଼ାରି ଦ୍ୱାର ଖୋଲିବା ନେଇ ବିଜେଡ଼ିର ବରିଷ୍ଠ ନେତା ଶଶୀଭୂଷଣ ବେହେରା ପ୍ରତିକ୍ରିୟା ଦେଇଛନ୍ତି। ଜଣେ ଆଦିବାସୀ ଯୁବକ ମୋହନ ଚ଼ରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେ କହିଛନ୍ତି। ପ୍ରଥମ ଦିନରୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପାଳନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ସକାରାତ୍ମକ ଦିଗକୁ ପ୍ରତିଫଳିତ କରୁଛି। ଶ୍ରୀଜଗନ୍ନାଥ ସଂସ୍କୃତି ଅନନ୍ୟ। ଗୋଟିଏ ଦ୍ୱାର ହେଉ କି ଚ଼ାରି ଦ୍ୱାରରେ ହେଉ, ଶୃଙ୍ଖଳିତ ଦର୍ଶନକୁ ଜଗନ୍ନାଥ ପ୍ରେମୀ ଗ୍ରହଣ କରିବେ। ବିଜୟୀ ଦଳମାନେ ସାଧାରଣତଃ ପୂର୍ବତନ ଶାସକ ଦଳ ପ୍ରତି ଆକ୍ରୋଶ ମୂଳକ ମନୋଭାବ ରଖିଥାନ୍ତି। ବେଳେବେଳେ ନୂଆ ସରକାର ପ୍ରତିଶୋଧ ପରାୟଣ ହୋଇଥାନ୍ତି। ଆଶା କରୁଛି ନୂଆ ସରକାର ପ୍ରତିଶୋଧ ପରାୟଣ ନହୋଇ ପ୍ରତିଶ୍ରୁତି ପାଳନ କରିବେ।ପୂର୍ବ ସରକାରଙ୍କର ଜନକଲ୍ୟାଣ ଯୋଜନା ବନ୍ଦ ନ ହେଉ। ବିଜେପିକୁ ଚ଼ମକପ୍ରଦ ସଫଳତା ମିଳିଛି। ଏହା ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି।

## ପୋଷ୍ଟାଲ ଚ଼ାକିରି ପାଇଁ ଜାଲ ପ୍ରମାଣପତ୍ର: ଓଡିଶାରେ ଘାଣ୍ଟିଲା ସିବିଆଇ



ଭୁବନେଶ୍ୱର,୧୩।୬(ପି.ଏନ): ଓଡିଶାରେ ସିବିଆଇ ପକ୍ଷରୁ ବଡ ଧରଣର ରେଡ୍। ଗ୍ରାମୀଣ ଡାକ ସେବକ ପରୀକ୍ଷାରେ ଜାଲ ପ୍ରମାଣପତ୍ର ଦେବା ଘଟଣାରେ ସିବିଆଇ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚ଼ଢ଼ଉ କରାଯାଇଛି। ପ୍ରାଥମିକ ସୂଚ଼ନା ଅନୁସାରେ, ସିବିଆଇ ପକ୍ଷରୁ କଳାହାଣ୍ଡି, ନୂଆପଡା, ରାୟଗଡା, ବାଲେଶ୍ୱର, ଭଦ୍ରକ ଆଦି ଜିଲ୍ଲାର ୬୭ ସ୍ଥାନରେ ରେଡ୍ କରାଯାଉଛି। ରେଡ୍‌ରେ ସିବିଆଇର ୧୨୨ ଅଫିସରଙ୍କ ସହ ୨୦୪ ଅଫିସର ସାମିଲ ଅଛନ୍ତି। ସେହିପରି ରେଡରେ ବିଭିନ୍ନ ବିଭାଗର ଆଉ ୮୨ ଜଣ ଅଧିକାରୀ ମଧ୍ୟ ସାମିଲ ରହିଛନ୍ତି।ଭୁବନେଶ୍ୱରରେ ଥିବା ପୋଷ୍ଟାଲ ସର୍ଭିସ ନିର୍ଦ୍ଦେଶକଙ୍କ ପକ୍ଷରୁ ଜାଲ ପ୍ରମାଣପତ୍ର ସମ୍ପର୍କରେ ପ୍ରଥମେ ସିବିଆଇରେ ଅଭିଯୋଗ ହୋଇଥିଲା। ଜାଲ ପ୍ରମାଣପତ୍ର ଯୋଗାଇ ଦେଉଥିବା ଅନ୍ତଃରାଜ୍ୟ ଗ୍ୟାଙ୍ଗର ପର୍ଦ୍ଦାଫାସ କରିବାକୁ ସିବିଆଇ ଉଦ୍ୟମ କରୁଛି।

## ୨୬ରେ ଲୋକସଭା ବାଚ଼ସ୍ପତି ନିର୍ବାଚ଼ନ



ଭୁବନେଶ୍ୱର,୧୩।୬ମୋଦି ୩.୦ ଶାସନ ସମୟରେ କିଏ ହେବେ ଲୋକସଭା ବାଚ଼ସ୍ପତି ଏହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଏସବୁ ଭିତରେ ଆସନ୍ତା ଜୁନ ୨୬ ତାରିଖରେ ଲୋକସଭା ବାଚ଼ସ୍ପତି ପଦ ପାଇଁ ନିର୍ବାଚ଼ନ ହେବ। ଏନେଇ ଆଜି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି କ୍ରମାଗତ ତୃତୀୟ ଥର ପାଇଁ କେନ୍ଦ୍ରରେ ସରକାର ଗଠନ କରିଛନ୍ତି। ୨୦୧୪ ଓ ୨୦୧୯ରେ ବିଜେପି ଏକାକୀ କ୍ଷମତା ଦଖଲ କରିଥିଲା। ହେଲେ ଏଥର ଦଳ ମେଣ୍ଟ ସରକାର ଗଠନ କରିଛି।

## ବେଆଇନ ବାଲିଘାଟରୁ ଟ୍ରାକ୍ଟର ଧରି ପୁଲିସ ଜିମାଦେଲେ ସ୍ଥାନୀୟ ଲୋକେ

ଧର୍ମଶାଳା,୧୩।୬(ପିଏନ୍): ଧର୍ମଶାଳା ତହସିଲ ଅଂର୍ଗତ ଭବାନୀପୁର ପଂଚାୟତ ଭୁବନ ଗାଁ ନିକଟରେ ବ୍ରାହ୍ମଣୀ ନଦୀରୁ ଦୀର୍ଘ ବର୍ଷ ହେଲା ଚାଲିଥିବା ଏକ ବେଆଇନ ବାଲିଘାଟକୁ ଆଜି ସ୍ଥାନୀୟ ଲୋକମାନେ ବିରୋଧ କରିଛଁ । ଏହି ବେଆଇନ ଘାଟରୁ ଲୋକେ ୨ ଗୋଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ପୁଲିସ ଜିମା ଦେଇଥିବା ଜଣାପଡିଛି। ସୂଚନା ମୁତାବକ, ଦୀର୍ଘ ବର୍ଷ ହେଲା ଭୁବନ ଗାଁ ନିକଟରେ ସ୍ଥାନୀୟ ଅଂଚଳର ଜଣେ ବାହୁବଳି ବ୍ୟକ୍ତି ଜୋର ଜବରଦସ୍ତ ବେଆଇନ ଭାବେ ବାଲି ଉଠାଇ ଅନ୍ୟତ୍ର ଚାଲାଣ କରିଆସୁଥିଲେ । ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରି ପୁଲିସ ଓ ତହସିଲକୁ ଖବର ଦେଉଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁ ନଥିଲେ ।

## ଏନ.ଏଚରେ ସିରିଜ୍ ଦୁର୍ଘଟଣା; ୪ଟି କାର୍‌କୁ ପିଟିଲା ଟ୍ରକ୍, ଉତ୍ତେଜନା



ଭୁବନେଶ୍ୱର,୧୩।୬(ପି.ଏନ): ଭୁବନେଶ୍ୱର ପଳାଶୁଣି ଛକରେ ସିରିଜ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ୪ରୁ ଅଧିକ କାର୍ ଓ ବାଇକ୍‌କୁ ଧକ୍କା ଦେଇଛି। ଯାହାଫଳରେ କାର୍ ଭିତରେ ବସିଥିବା ଲୋକମାନେ ଆହତ ହୋଇଛନ୍ତି। ଏହାକୁ ନେଇ ଜାତୀୟ ରାଜପଥରେ ଉତ୍ତ?ଜନା ପ୍ରକାଶ ପାଇଛି। ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରୁଥିବା ଜଣାପଡିଛି। ଆଜି ଅପରାହ୍ନରେ ଗୋଟିଏ ଟ୍ରକ୍ ଦ୍ରୁତ ଗତିରେ ଯାଇ ଗୋଟିଏ ପରେ ଗୋଟିଏ କାର୍ ଓ ବାଇକ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ଧକ୍କାରେ କାର୍ ଚୁରମାର ହୋଇଯାଇଛି। କାର୍ ଭିତିରେ ଲୋକମାନେ ଫସି ଯାଇଥିଲେ। ସ୍ଥାନୀୟ ଲୋକ ଓ କମିଶନରେଟ୍ ପୁଲିସ୍ କାର୍ ଭିତରୁ ଆହତଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଛି। ଏହି ସରିଜ୍ ଦୁର୍ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଫୁଟ୍ ଓଭର ବ୍ରିଜ୍ ଦାବିରେ ସ୍ଥାନୀୟ ଲୋକ ଜାତୀୟ ରାଜପଥ ଅବରୋଧ କରିଥିଲେ। ଯାହାଫଳରେ ଗାଡି ଚ଼ଳାଚ଼ଳ ଠପ୍ ହୋଇଯାଇଥିଲା। କମିଶନରେଟ୍ ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ରାସ୍ତାରୁ ହଟାଇଥିଲା। ଏଥିସହ ପ୍ରତିବାଦ କରୁଥିବା ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି।

## ରାଜ୍ୟ ଅତିଥି ଭବନ ନୂଆ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ



ଭୁବନେଶ୍ୱର,୧୩।୬(ପି.ଏନ): ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ମୋହନ ଚ଼ରଣ ମାଝୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ହୋଇଛି ରାଜ୍ୟ ଅତିଥି ଭବନ । ଅତିଥି ଭବନର ପ୍ରଥମ ମହଲାକୁ ସେଥିପାଇଁ ପ୍ରସ୍ତୁତ କରାଯାଇଥିବା ବେଳେ ପୁରୀରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଅତିଥି ଭବନରେ ପହଞ୍ଚିଥିବା ଜଣାପଡିଛି । ଏଥିସହିତ ଅତିଥି ଭବନରେ ନଗର ଉନ୍ନୟନ ବିଭାଗ ସଚ଼ିବ ମଧ୍ୟ ପହଞ୍ଚିଥିବା ଜଣାପଡିଛି । ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ୨୪ ବର୍ଷ ଧରି ନିଜ ବାସଭବନ ନବୀନ ନିବାସରୁ ରାଜ୍ୟର ଶାସନ ପରିଚ଼ାଳନା କରି ଆସୁଥିଲେ । ତେବେ ନୂଆ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏବେ ଘର ସନ୍ଧାନ କରାଯାଉଥିବା ବେଳେ ଅସ୍ଥାୟୀ ଭାବେ ଅତିଥି ଭବନଙ୍କୁ ସିଏମଓ ଭାବେ ବ୍ୟବହାର କରାଇଥିବା ଜଣାପଡିଛି । ସୂଚ଼ନାଯୋଗ୍ୟ ଯେ, ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଦୀର୍ଘ ୨୪ ବର୍ଷ ଧରି ବିଜେଡି ରାଜ୍ୟରେ କ୍ଷମତାରେ ରହିଥିଲା । ଏହାପରେ ଚ଼ଳିତ ନିର୍ବାଚ଼ନରେ ପ୍ରଥମ ଥର ବିଜେପି ଏକାକୀ କ୍ଷମତା ଅକ୍ତିଆର କରିବା ପରେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମାଝୀ ଶପଥ ଗ୍ରହଣ କରିଥିଲେ । ଏଥିସହିତ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଦୁଇ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଗୃହମନ୍ତ୍ରୀ ଅମିତ ଶାହ ଓ ବହୁ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସାମିଲ ହୋଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମଧ୍ୟ ସାମିଲ ହୋଇଥିଲେ ।

## ହାରିକି ବି ଜିତି ଯାଇଛନ୍ତି ନବୀନ ପଟ୍ଟନାୟକ; ଏହି ସବୁ କାରଣ ନବୀନଙ୍କୁ ପରାଜୟ ପରେ ବିଜୟ କରାଇଛି



ଭୁବନେଶ୍ୱର,୧୩।୬(ପି.ଏନ): ୨୦୨୪ ପୂର୍ବରୁ ଗଣତନ୍ତ୍ରର ପ୍ରକ୍ରିୟା କଣ କେହି ବୁଝି ନଥିଲେ। ପରାଜୟ ପରେ ଶତ୍ରୁ କରି ନେଉଥିଲେ। କିନ୍ତୁ ୨୦୨୪ରେ ନବୀନ ଶିଖାଇଲେ ପରାଜୟ ପରେ କେମିତି ହୃଦୟ ଜିତା ଯାଏ । କେମିତି ପରାଜୟ ପରେ ବି ବିଜୟ ହାସଲ ହୁଏ । ହଁ ଆଜ୍ଞା ୨୪ ବର୍ଷ ଗୋଟିଏ ଛୋଟିଆ ସମୟ ନୁହେଁ । ଆଉ ସେହି ୨୪ ବର୍ଷର ସରକାର ଓଡିଶାରେ ଭାଙ୍ଗି ଯାଇଛି । ନବୀନଙ୍କ ଗଡରେ ବିଜୟର ପତାକା ଉଡାଇଛି ବିଜେପି । ନବୀନ ପାଲଟି ଯାଇଛନ୍ତି ମୁଖ୍ୟମନ୍ତ୍ରୀରୁ ବିଧାୟକ ଏବଂ ମୋହନ ମାଝି ହୋଇଛନ୍ତି ମୁଖ୍ୟମନ୍ତ୍ରୀ । ହେଲେ ଏଭଳି କଥା ନବୀନଙ୍କୁ ବ୍ୟତି ବ୍ୟସ୍ତ କରିପାରିନି । ସେ କାଲି ଯେମିତି ନବୀନ ହସୁଥିଲେ ଆଜି ବି ସେମିତି ହସୁଛନ୍ତି । ଯଦି ଦେଖିବା ଗଣତନ୍ତ୍ରର ଏମିତି କିଛି ଦୁର୍ଲ୍ଲଭ ଦୃଶ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଆଜି ପରାଜୟ ପରେ ବି ବିଜୟ କରାଇ ଦେଇଛି । ବିରୋଧୀଙ୍କ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଛନ୍ତି ନବୀନ । ଯାହା କେଉଁଠି ବି ହୋଇ ନଥିଲା ତାହା ଓଡିଶାରେ ହୋଇଛି । ନବୀନ ହିଁ ସେହି ବ୍ୟକ୍ତିତ୍ୱ ଏମିତି କାର୍ଯ୍ୟ କରିବାକୁ ସାହାସ ରଖିଛନ୍ତି । ଟିକେ ଏହି ଦୃଶ୍ୟକୁ ଦେଖନ୍ତୁ ନବୀନଙ୍କୁ ମିଳିଛି ସମ୍ମାନ ପରେ ସମ୍ମାନ । ମୁ୍ୟମନ୍ତ୍ରୀ ଥିବା ସମୟରେ ଯେମିତି ସମ୍ମାନ ମିଳୁଥିଲା ମୁଖ୍ୟମନ୍ତ୍ରୀ ନଥିଲା ବେଳେ ମଧ୍ୟ ସେମିତି ସମ୍ମାନ ମିଳିଛି । ନବୀନଙ୍କୁ ଦେଖି ଏକା ସାଙ୍ଗରେ ଛିଡା ହୋଇ ଯାଇଛନ୍ତି ବଡ ବଡ ନେତା । ଯାହା ବହୁତ ସୁନ୍ଦର ମୁହୂର୍ତ୍ତ ।ନବୀନ ଯେତେବେଳେ ମଞ୍ଚ ଉପରକୁ ଆସିଥିଲେ ସେତେବେଳେ ଲୋକଙ୍କ ଉତ୍ସାହରେ ଜଣା ପଡିଯାଇଥିଲା ନବୀନ ମଞ୍ଚକୁ ଆସିଲେ ବୋଲି । ଏହା ପରେ ମୋଦୀ ଦଉଡି ଯାଇ ନବୀନଙ୍କ ସହ ହାତରେ ହାତ ମିଶାଇ ହାଲଚ଼ାଲ ପଚ଼ାରିଥିଲେ । କିଛି ସମୟ ଦୁହେଁ କଥା ହୋଇଥିଲେ । ଏହା ପରେ ରାଜନାଥ ସିଂ ମଧ୍ୟ ବହୁତ ପାଖରୁ ନବୀନଙ୍କ ହାତକୁ ଧରି ବହୁତ ଆପଣାର ସହିତ କଥା ହୋଇଥିଲେ । ଶାହା ମଧ୍ୟ ଯଥେଷ୍ଟ ସମ୍ମାନ ଦେଇଥିଲେ ନବୀନଙ୍କୁ । ଏହି ସମୟରେ ନବୀନଙ୍କ ମୁହଁରେ ଦୁଃଖ ନୁହେଁ ଥିଲା ଖାଲି ହସ । ନବୀନ ମଧ୍ୟ ଜଣ ଜଣଙ୍କୁ ବ୍ୟକ୍ତିଗତ ରୂପରେ ପାଖକୁ ଯାଇ ହସି ହସି ଶୁଭେଚ୍ଛାଜଣାଇଥିଲେ ।




ଓଡ଼ିଶା ସରକାର



ପବିତ୍ର ରଜପର୍ବ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଜ ଆମ ଓଡ଼ିଆ ସଂସ୍କୃତିର ଏକ ମହାନ ଗଣ ପର୍ବ । ଧରିତ୍ରୀ ମାତା ତଥା ସମଗ୍ର ନାରୀ ଜାତିର ସମ୍ମାନର ଏହା ଏକ ଅନନ୍ୟ ପରମ୍ପରା । ନାରୀ ସ୍ୱତନ୍ତ୍ରତା ଓ ସ୍ୱାଧୀନତାର ଏହା ବାର୍ତ୍ତାବହ ।

ଏହି ପବିତ୍ର ଉତ୍ସବ ଅବସରରେ ମୁଁ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-10
15001/13/0026/2425






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଜ୍ଞାନୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି । ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ିର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିକ୍ଷ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ । |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି । |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ । |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ । |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ । |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ । |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ । |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ । |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ । |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ । |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ । |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ । |




# —'ପ୍ରହେଳିକା'—

ଓହୋ ! ଆଜି ଟିକେ ମନଟା ଶାନ୍ତି ପାଇଲା, ମୁଁ ମୋ ସ୍ୱାମୀ କୁମାରଙ୍କ ସହ ଗାଁରୁ ଫେରିଲି, ଘର ଗଳି ମୋଡ଼ରୁ ମୁଁ କାର୍ କାଚ ଖୋଲି ବାସ୍ ଚାହିଁ ରହିଥିଲି ମୋ ପାଖ ଫ୍ଲାଟଟିକୁ ଦେଖିବି। ସେଟା ଘର କମ୍, ପାର୍କ ବେଶୀ ଲାଗେ, ସେ ବଗିଚାର ରଙ୍ଗ ବେରଙ୍ଗୀ ଫୁଲ, ଗଛ, ମହ ମହ ବାସୁଥିବା ମଲ୍ଲି, ଚମ୍ପା ଆଦି ଯେମିତି ମତେ ଖତେଇ ହୁଅନ୍ତି। ହେଲେ ଆଜି ଆଠ ଦିନ ପରେ ଗାଁରୁ ଫେରି ନିଜ ଘର ଆଡେ ନଦେଖି ପାଖ ଘରକୁ ତନଖି କରି ଦେଖିଲି, ଫୁଲ ଗଛ ସବୁ ଝାଉଁଳି ପଡିଛି, ଗେଟ୍‌ରୁ ଘର ଯାଏଁ ପଡିଥିବା ଟାଇଲ୍ ସୁଖିଲା ପତ୍ରରେ ଭରା। ମତେ ଭାରି ଶାନ୍ତି ଲାଗିଲା, ମୋ ଚେହେରାର ସ୍ମିତ ହସ ଦେଖି କୁମାର ପଚାରିଲେ କ'ଣ ନିଜ ଘର ଦେଖି ଖୁସି ହଉଛ ? ମୁଁ କିନ୍ତୁ ମୋ ଖୁସିର କାରଣ ଟା କହିଲି ନାହିଁ, କାରଣ ଆଗରୁ ବହୁଥର ସେ ପାଖ ଘର କଥା କହି ମୋ ସ୍ୱାମୀଙ୍କ ଠାରୁ ପ୍ରବଚନ ଶୁଣି ସାରିଛି। ତେଣୁ ଚୁପ୍ ରହିବା ଶ୍ରେୟ ମଣିଲି।

ମୁଁ ମାନସୀ ଭୁବନେଶ୍ୱର ପୁଣି ଶହିଦନଗରରେ ତିନି ମହଲା କୋଠାର ମାଲିକାଣୀ। ମୋ ଘର ଅଗଣାରେ ବି ବହୁତ ଖାଲି ଜାଗା, ଉପର ଘର ଭଡାଟିଆ ରୁହନ୍ତି, ମୋ ପାଖ ଘରଟା ମୁଁ ଘର ତୋଳିବା ଆଗରୁ ଥିଲା। କେହି ଯିବା ଆସିବା କେବେ ଦେଖିନଥିଲି। ମୋର ଏ ଘରେ ରହିବା ପ୍ରାୟ ୧୦ ବର୍ଷ ହେଲାଣି। ପିଲାମାନେ ବଡ ହୋଇ ଯେଝା ସଂସାର ଧରି ବଡ ବମ୍ବେରେ ତ ସାନ ବାଙ୍ଗାଲୋର୍‌ରେ। ମୋ ସ୍ୱାମୀ ରିଟାୟର୍ଡ଼ ପ୍ରଶାସନିକ ଅଧିକାରୀ। ମୋ ଶାଶୁ ଘରେ ବି ମୋରି ରାଜୁତି, କାରଣ କୁମାର ବାପା ମା'ଙ୍କର ଏକମାତ୍ର ପୁଅ । ମୋର କେମିତି ବାହାଘର ହେଲା, କେତେ ଧନ ସମ୍ପତି ମୋ ବାପା ଦେଇଥିଲେ ଏ ସବୁ ମୁଁ ଆମ କାମବାଲି ମାଧ୍ୟମରେ ଆମ ପର ଆଖ ପାଖରେ ପହଂଚାଇ ଦେଇଛି। ତା'ପରେ ଲାଗେ ସମସ୍ତେ ମତେ ଖୁବ୍ ସମ୍ମାନ ଭରା ଚାହାଣୀରେ ଦେଖନ୍ତି। ପାଖ ଘରଟା ବାସ୍ ଗୋଟେ ମହଲା ଘର, ମୋର ସେ ଗଳିର ଦ୍ୱିତୀୟ ଘର, ଉତରା ପବନ ମୋ ଘରକୁ ବେସ୍ ସୁରୁ ଖୁରୁରେ ଆସେ। ହଠାତ୍ ଦିନେ ସକାଳୁ ଗୋଟେ ଟ୍ରକ୍ ଆସି ରହିଲା। ଧୁମ୍ ଧାମ୍ ଶବ୍ଦରେ ଝରକା ବାଟେ ଦେଖିଲି ସେ ପାଖ ଘରେ ଲୋକ ଆସିଛନ୍ତି ରହିବାକୁ। ସନ୍ଧ୍ୟା ଯାଏଁ ଘରେ ଲୋକ ଯିବା ଆସିବା ଲାଗିଥିଲା ସେ ଘରକୁ। ମନେମନେ ସ୍ଥିର କଲି କାଲି ଯାଇ ସେ ଘରେ କିଏ ରହିଲେ, ସବୁ ବୁଝିବି, ମୋ ଘର କାମବାଲି ଟିକେ ଡେରିରେ ଆସେ। ସେ ଆସିଲେ ତାକୁ ପଠେଇ ସେ ଘର ଲୋକ ଭଡାଟିଆ ନା ନିଜେ ମାଲିକ ବୁଝିନେବି, ଏମିତି ଭାବୁ ଭାବୁ ଚା' କରୁଥିଲି, ରୋଷେଇ ଘର ଝରକା ବାଟେ ଦେଖିଲି ସେ ଘର ଗେଟ୍ ଖୋଲି ଗୋଟେ ମଧ ବୟସ୍କା... ନା' ବୋଧେ ତିରିଷ କି ବତିଷ ବର୍ଷର ବେଶ୍ ଡେଙ୍ଗା, ଗୋରା, ସ୍ତ୍ରୀ ଲୋକଟିଏ କାନ୍ଧରେ ଭ୍ୟାନିଟ୍ ବ୍ୟାଗ ପକାଇ ମୋ ଘର ଆଗଦେଇ ଚାଲିଗଲା। ମୋର ଏଡେ ବଡ ସୁନ୍ଦର ଘର ଆଡେ ଟିକେ ଅନେଇଲାନି ମଧ। ଛାଡ କାମବାଲି ଆସୁ, ସବୁ ଖବର ବୁଝିବି। ବେଶ୍ କିଛି ସମୟ ପରେ ଛବି (ମୋ କାମବାଲି) ଆସିଲା, ସେ ଆସୁ ଆସୁ ତାକୁ ପଠେଇଲି ଯା ପାଖ ଘରେ ବୁଝି ଆସିବୁ କିଏ ରହିଲେ, କ'ଣ କରନ୍ତି ଇତ୍ୟାଦି। ସେ ବି ଖୁବ୍ ଆଗ୍ରହରେ ଗୋଟେ ନୂଆ ଘରେ କାମ ପାଇବା ଆଶାରେ ଚାଲିଲା ତାଙ୍କ ଘର ଆଡେ। ହେଲେ ଦୁଇ ମିନିଟ୍‌ରେ ଫେରି ଆସି କହିଲା ମା' ଘରେ ତ ତାଲା ପଡିଛି, ଆଉ ଗେଟ୍‌ରେ ନାମଫଳକ ବି ନାହିଁ ବାସ୍ ଲେଖା ହୋଇଛି "ଶହିଦ୍ ଭବନ"। ଶୁଣୁ ଶୁଣୁ ମୋ ପାଟିରୁ ବାହାରିଲା ଏ କି ନାମ! ମୋ ଘର ନାମ "ସ୍ୱାତୀ ନିଳୟ", ମୋ ଶାଶୁଙ୍କ ନା। ଆଉ ଏ କି ଲୋକ ଯେ ଏମିତି ଗୋଟେ ଅପଦସିଆ ନାଁ ଦେଇଛନ୍ତି କେଜାଣି। ଦିନସାରା ମୋର ଟିଭି ସିରିଏଲ, ୟୁ ଟ୍ୟୁବ୍‌ରେ କଟିଲା। ଯେମିତି ପାଂଚ ବାଜିଲା ମୁଁ ମୋ ଘର ବାରଣ୍ଡାରେ ଲାଗିଥିବା ଦୋଳାୟମାନ ଚେୟାରରେ ଆସି ବସି ପଡିଲି। ସେ ପାଖ ଘର ମହିଳା ବୋଧେ କର୍ମଜୀବି, ସେ ଫେରିଲେ ନିଶ୍ଚୟ ମୋର ଏ ବିଶାଳ ଅଟାଳିକା ଆଡେ ଚାହିଁବେ, ଆଉ ମୁଁ ମୌକା ଦେଖି ତା ନାଁ -ଗାଁ ସବୁ ବୁଝିନେବି, ସନ୍ଧ୍ୟା ଗଡିଲାଣି ହେଲେ ସେ ମହିଳାର ଦେଖାନାହିଁ। ବାସ୍ ଉଠି ଘର ଆଡେ ମୁହାଁଇଲା ବେଳକୁ ସେ ମୋ ଗେଟ୍ ସିଧାରେ, ମୁଁ ବାସ୍ ତାକୁ ଚାହିଁ ରହିଲି କି ସେ ମୋ ଘର ଆଡେ ଚାହିଁଲେ ମୁଁ ଗୋଟେ ହସ ଦେବି ଯେ, ସେ ବଳେ ଠିଆ ହେଇ ନମସ୍କାର କରି ଆପେ ଆପେ ତା' ପରିଚୟ ଦେଇ ଦେବ। ହୁଏତ ମୋ ଠାରୁ କିଛି ଟିପ୍‌ସ ନେଇ ପାରେ। ହେଲେ ସେମିତି କିଛି ହେଲାନି, ସେ ନିର୍ବିକାର ଭାବେ ତା' ଘର ଭିତରକୁ ଚାଲିଗଲା, ମୁଁ ମନେ ମନେ କହିଲି କି ଗର୍ବି ସ୍ତ୍ରୀ ଲୋକଟା, ହାତରେ ଚୁଡି ନାହିଁ କି ମଥାରେ ସିନ୍ଦୁର ନାହିଁ, ବୋଧେ ଅଭିଆଡିଟେ। ହଉ କାଲି ଛବି ଆସୁ ! ମୁଁ ମୋ ଘର କାମରେ ଲାଗିଲି, ତା' ପରେ ମୋ ଚିରା ଚରିତ ସିରିୟଲ ଦେଖା। କୁମାର କ୍ଲବ ଯାଇଥିଲେ, ଫେରୁ ଫେରୁ କହିଲେ ଦେଖିଲଣି ମାନସୀ ପାଖ ଘର ଆଗରେ ଟ୍ରଲି ରିକ୍ସାରେ କେତେ ଫୁଲ କୁଣ୍ଡ, ଗଛ ଚାରା ! ମୁଁ ବି ଝରକା ପାଖକୁ ଯାଇ ଦେଖିଲି, ସେ ସ୍ତ୍ରୀ ଲୋକଟି ଚୁଡିଦାର କମିଜ୍‌ଟେ ପିନ୍ଧି ଘର ବାରଣ୍ଡାରେ ଠିଆ ହେଇଛି, ତା' ପାଖରେ ହ୍ୱିଲ୍ ଚେୟାରରେ ଜଣେ ବୟସ୍କ ପୁରୁଷ, ମନେ ମନେ ଭାବିଲି ବାପ-ଝିଅ ହେଇଥିବେ, ହେଲେ ଏତେ ଗୁଡେ ଲାଇଟ୍ କ'ଣ ଲଗେଇଛନ୍ତି ପୁରା ରାସ୍ତା ଯାଏଁ ଆଲୁଅ ପଡୁଛି ! ମୁଁ ତ ପୁରା ଏ ମାମଲାରେ ସିରିୟସ୍। ଯେତିକି କମ୍ ଲାଇଟ୍-ଫ୍ୟାନ ଓ ଟେମ୍ପରେଚର ୪୦ ଡିଗ୍ରୀ ନ ଟପିବା ଯାଏଁ ଏସି ବି ଲଗାଏନି। ସେମିତି ତାଗିଦ୍ ବି ଭଡାଟିଆଙ୍କୁ କରିଛି। ନା' ଲାଇଟ୍ ବାବଦରେ ନୁହେଁ, ସେମାନେ ବିଲ୍ ଦଉଛନ୍ତି, ଜାଳନ୍ତୁ କେତେ ଜାଳିବେ। ପାଣି କିନ୍ତୁ ଦେଖି ଚାହିଁ ଖର୍ଚ୍ଚ କରିବେ କାରଣ ପାଣିଟା ମାଗଣା ଦେବା ଲାଗି ଚୁକ୍ତି କରିଛି ପରା। ହେଲେ ଏ ପାଖ ଘର "ଶହିଦ୍ ଭବନ" ବାଲା କ'ଣ ପାଗଳ କି? ଏତେ ଲାଇଟ୍, ପୁଣି ଏତେ ଗଛ ଯଦି ଲଗେଇବେ କେତେ ପାଣି ସାରିବେ, ହଉ ତାଙ୍କର ବିଲ୍ ଉଠିବ ମୋର କ'ଣ ଅଛି। ମୁହଁକୁ ବୁଲେଇ ରାତି ଖାଇବା ଲାଗି ବସିଲୁ। କୁମାର ଥଟ୍ଟା କରି କହିଲେ କ'ଣ ପାଖ ଘର ଲୋକେ ତମ ପ୍ରତିପତି ଜାଣିଲେଣି ନା ନାହିଁ ? ମୁଁ ବିରକ୍ତ ହେଇ ଚୁପ୍ ହିଁ ରହିଲି। ଏମିତି ତା' ପରଦିନ ଛବିକୁ ପଠାଇଲି, ସେ ଘର ବିଷୟରେ ବିସ୍ତୃତ ବିବରଣୀ ଆଣିବା ସହ ମୋ ବିଷୟରେ ଟିକେ କହିବ ବୋଲି। ସେ ବେଶ୍ ଅଧ ଘଂଟା ପରେ ଫେରିଲା, ହସ ହସ ମୁହଁରେ କହିଲା ମା' ସେ ଘର ଦିଦି ବହୁତ ଭଲ। ମତେ ଚୌକିରେ ବସିବାକୁ ଦେଲେ, କଫି ବି ଦେଲେ। କାମ କଥା ମନା କଲେ କିନ୍ତୁ କହିଲେ ବଗିଚା କାମରେ ଟିକେ ସାହାଯ୍ୟ କରିବ କି? ମୁଁ ହଁ କହିଲି, ତାଙ୍କ ବାପାଙ୍କ ଆଡେ ଚାହିଁ ପଚାରିଲେ ବାପା ଦିନ ସାରା ଘରେ ଏକଲା ଲାଗୁଛି କି ଏଠି ? କହିବେ ତ ମୁଁ ଛବି ଭଉଣୀକୁ କହି କାହାକୁ ଘରେ ସନ୍ଧ୍ୟା ଯାଏଁ ରଖିଦେବା। ବାପା ତାଙ୍କର ବି କେତେ ଭଲ, କହିଲେ ନା' ମା ତୁ ତ ସବୁ ହାତ ପାଖେ ଖଞ୍ଜି ଦେଇ ଯାଉଛୁ। ଏ ଝିଅଟି ବାସ୍ ବଗିଚା ଟିକୁ ରଙ୍ଗରେ ଭରିବାରେ ସାହାଯ୍ୟ କଲେ ବହୁତ। ମୁଁ ଅଧାରୁ ତାକୁ ଚୁପ୍ କରେଇ ଟିକେ ରୁକ୍ଷ ଗଳାରେ କହିଲି, ହେ କହ ତା' ନାଁ କ'ଣ? ବାହା ହେଇଛି କି ନା, କି ଚାକିରୀ... ଆଉ ମୋ ବିଷୟରେ କହିଲୁ କି ନାହିଁ। ଛବିର ହସ ବନ୍ଦ ହେଇଗଲା, କହିଲା ମା' ସେ ଦିଦିର କଥା ଏତେ ସୁନ୍ଦର ଯେ, ମୁଁ ସବୁ ଭୁଲିଗଲି, ହଉ କାଲି ସନ୍ଧ୍ୟା ୫ଟାରେ ତାଙ୍କ ସହ ବଗିଚା କାମ କଲାବେଳେ ବୁଝିନେବି। ବେସ୍ ଛଅଟା ମାସରେ ସେ ବଗିଚା ଗୋଟେ ପାର୍କ ହେଇସାରିଥିଲା। ତା'ର ଖାଲି ନା'ଟି ଛବି ବୁଝିଥିଲା "ସୁଜାତା" ବାକି ସେ କୁଆଡେ କଥା ବେଶି ହୁଏନି। ଛଅ ମାସରେ ବହୁ ଚେଷ୍ଟା ସତ୍ତ୍ୱେ ସୁଜାତା ଥରେ ବି କଥା ହେଲାନି, ବାସ୍ ତାକୁ ଘରୁ ୯.୩୦ରେ ଯିବା ଓ ୫ ଟାରେ ଫେରି ସନ୍ଧ୍ୟା ୭ଟା ଯାଏଁ ବଗିଚାରେ ଦେଖେ। ରବିବାର ତ ସେ ବାପ-ଝିଅ ଦିନ ସାରା ବଗିଚା କାମରେ ଲାଗିପଡନ୍ତି। ବସନ୍ତ ଋତୁ କ'ଣ ବୋଧେ ମୁଁ ପ୍ରଥମ ଥର ଅନୁଭବ କଲି। ଛାତ ଉପରୁ ତା ବଗିଚାକୁ ଦେଖେ, କେତେ ଫୁଲ, କେତେ ରଙ୍ଗ ବେରଙ୍ଗ ଗଛ। ବାସ୍ନା ବି ଏମିତି ଖେଳେଇ ହେଇଯାଏ କି ମୋ ତିନି ମହଲା ଛାତ ଯାଏଁ ପହଚେଂ। ସେତେବେଳେ ମୁଁ ମୋ ବଗିଚାକୁ ଦେଖେ ୪ ଟା ନଡିଆ ଗଛ। ଆଉ ତା ବଗିଚାରେ ମହ ମହ ବାସ୍ନା ଓ ମୋ ଭଡାଟିଆଠାରୁ ସ୍ୱାମୀ ପର୍ଯ୍ୟନ୍ତ ତା'ର ବଗିଚାର ପ୍ରଶଂସା ମତେ ଯେମିତି କଂଟା ଫୋଡିଲା ଭଳି ଲାଗୁଥିଲା। ମନେ ମନେ କହୁଥିଲି ସୁଜାତା ନା' ରହସ୍ୟମୟୀ। ଏମିତି ଦିନେ ଅଦିନିଆ ଝଡ ବର୍ଷା ହେଲା, ମୁଁ ପବନ ଦେଖି ଖୁସିରେ ଠାକୁରଙ୍କୁ ଧନ୍ୟବାଦ ଦେଲି, ଏଥର ତା ବଗିଚା ଗଲା, ପ୍ରଭୁ ମୋ କଥା ଶୁଣିଲେ। ବଡ ଆନନ୍ଦରେ ରାତି ପାହିବା ଅପେକ୍ଷାରେ ବହୁତ ଡେରିରେ ଶୋଇଲି। ସକାଳୁ ବି ଟିକେ ଡେରି ହେଲା ଉଠିବାରେ । ଉଠି ଦେଖିଲି ମୋ ସ୍ୱାମୀ ବାରଣ୍ଡାରେ କାହାକୁ ଫୋନ୍‌ରେ ଅନୁରୋଧ କରୁଛନ୍ତି, ଯେମିତି ହଉ ୨ଟା ମୁଲିଆ ଦରକାର। ଗଛ ପଡି ରାସ୍ତା ଅବରୋଧ। ମୁଁ ଭିତରୁ ହିଁ ବଡ ପାଟିରେ କହିଲି ତମର ଏତେ କାହା ଲାଗି ଦରଦ ଦେଖେଇବା ଦରକାର ନାହିଁ, ସେ ପାର୍କ କରି ମତେ ଖତେଇ ହେଉଥିଲା, ଏବେ ନିଜେ ଭୋଗୁ। କୁମାର ରାଗି ଉଠି ଫୋନ୍ କାଟି, ମୋ ହାତଧରି ବାରଣ୍ଡାକୁ ଟାଣି ନେଲେ କହିଲେ ଦେଖ....ମୁଁ ତାଟକା ମୋ ଅଗଣାର ନଡିଆ ଗଛରୁ ୨ଟା ମୂଳରୁ ଉପୁଡି ଏମିତି ପଡିଛି ଯେ ଗେଟ୍ ଖୋଲିବା ବି ଅସମ୍ଭବ। ତଥାପି ମୁଁ ଗୋଡ ଟେକି ସେ ଶହିଦ ଭବନ ଆଡେ ଚାହିଁଲି, ଆରେ ଏ କ'ଣ ସେ ସୁଜାତା ଓ ଛବି ଗଡି ପଡିଥିବା କୁଣ୍ଡ ଗୁଡା ସଜାଡୁଛନ୍ତି, ଆଉ ବାକି ରକମ୍ ରକମ୍ ଫୁଲ ଗଛ ସେମିତି ମତେ ଚାହିଁ ଖତେଇ ହଉଛନ୍ତି। ମନ ମାରି ରହିଲି, ଭଡାଟିଆ ମାନେ ବି ଗୋଟେ ଗୋଟେ କରି ସିଆଡେ ଢ଼ଳିଲେଣି, କିନ୍ତୁ ମୁଁ ତ ସଂଭ୍ରାନ୍ତ ଘରର, ପୁଣି ମୋ ସ୍ୱାମୀ ପ୍ରଶାସନିକ ଅଧିକାରୀ ଥିଲେ ମୁଁ ବା କାହିଁକି ମୋ ଆଡୁ ଯିବି ! ସେ ଆସୁନି। ବାସ୍ ଏତିକି କନଫର୍ମ ହେଇଥିଲି ସେ ଭଡାଟିଆ ନୁହେଁ, ସେ ବୁଢ଼ା ଘର ମାଲିକ। ବୁଢ଼ା ତ ହ୍ୱିଲ୍ ଚେୟାରରେ ସେଥିଲାଗି ବଢ଼ିଲା ଝିଅକୁ ବୋଧେ ବାହା ନ ଦେଇ ଘରେ ରଖିଛି।

ଦିନେ ସାହସ କରି ପାଚେରି ଏପଟୁ ପାଟି କରି କହିଲି, ଆଜ୍ଞା ମୋ ପାଚେରି ଆଡେ ଆପଣଙ୍କ ଫୁଲ ଲଟା ମାଡୁଛି, ତାକୁ ନିଜ ପଟେ ରଖ, ନ ହେଲେ ଲୁଣ ପାଣି ଢାଳିଦେବି, ସେ କିଛି କହିଲାନି ବାସ୍ ଚାହିଁଲା ଆଉ କହିଲା ହଉ ଆଜ୍ଞା ମୁଁ କାଢ଼ିଦେବି, ସେମାନେ ତ ଗଛ, ସେ ବା କ'ଣ ଜାଣନ୍ତି ବନ୍ଧ ବାଡ ! ହଉ କ୍ଷମା କରିବେ। ତା' ପରେ ଆଉ ସେ କେବେ ନା କଥା ହେଇଥିଲା, ନା ମତେ ମୌକା ଦେଲା କିଛି କହିବାକୁ। ମୋର ମୋ ସ୍ୱାମୀଙ୍କ ସହ ଗାଁକୁ ଯିବାର ଥିଲା, ତ ଛବିକୁ ୧୦ ଦିନ କାମକୁ ନ ଆସିବାକୁ କହି, ଫେରିଲେ ତୋ ଲାଗି ଶାଢ଼ି ଆଣିବି କହିଲି, ସେ ବି ଭାରି ମୁହଁ ଖୋର୍ ସଙ୍ଗେ ସଙ୍ଗେ କହିଲା ନା ମା ଥାଉ, ସୁଜାତା ଦିଦି ଏବେ ୪ ଖଣ୍ଡ ଭଲ ଲୁଗା ଦେଇଛନ୍ତି, ତାକୁ ମୁଁ ବାହା-ବଜାର ଗଲେ ପିନ୍ଧୁଛି। ଆପଣ ଯେଉଁ ଲୁଗା ଦିଅନ୍ତି ସେ ଗୁଡା ବେଶିଦିନ ଘରେ ବି ପିନ୍ଧି ହୁଏନି। ମୁଁ ନିଜକୁ ହାରିବା ଦେଖି ପାରିବିନି, ତ ଛବିକୁ ଧମକଟେ ଦେଲି ଏତେ ଭଲ ସେ ଦିଦି ତ ମୋ ଘର ଓ ମୋ ଭଡାଟିଆଙ୍କ ଘର କାମ ଛାଡି ଦଉନୁ। ସେ ଗୋଡ କଚି ରୋଷେଇ ଘରକୁ ଚାଲିଗଲା। ସକାଳୁ ଆମେ ଦମ୍ପତି ବାହାରେ ବସି ଚାହା ପିଉ। ହେଲେ ଏ ତିନି ମାସରେ ସେ ଶହିଦ ଭବନ ରୁ ଭାସି ଆସୁଥିବା ରକମ-ରକମ ଫୁଲର ବାସ୍ନା ମତେ ଭାରି ଅଣନିଶ୍ୱାସୀ କରି ପକାଉଛି। ଥରେ ଥରେ ତ ତାଙ୍କ ପାଚେରୀ ପାରି ହେଇ ବାଇଗଣୀ ଅପରାଜିତା ଲତା ମୋ ଆଡେ ମାଡି ଆସନ୍ତି ତ ମୁଁ ସିଧା କଇଁଚି ଧରି କାଟି ସେ ଲତା ସବୁ ତାଙ୍କ ପଟକୁ ଫିଙ୍ଗିଦିଏ। ମୁଁ ବାସ୍ ଏସବୁ କରେ କି ସେ ସୁଜାତା ମୋତେ କିଛି କହୁ ଆଉ ମୁଁ ବିଜୟୀ ହେବାର ସ୍ୱାଦଟା ଚାଖେ। ହେଲେ ସେ ଆଉ ତାର ସେ ବୁଢ଼ା ବାପା କିଛି କୁହନ୍ତିନି ବରଂ ହାତ ଯୋଡି ଗଛକୁ କ୍ଷମା ମାଗନ୍ତି, ଗଛ ସହ କଥା ହୁଅନ୍ତି ସତେ କି ତାଙ୍କ ଛୁଆ। ମୋର ଶାଶୁଙ୍କ ଶ୍ରାଦ୍ଧ ଲାଗି ଜାନୁଆରୀ ଶେଷରେ ଗାଁକୁ ଯିବାଟା ଦଶ ବର୍ଷର ଗୋଟେ ରୁଟିନ୍। ଜାନୁଆରୀ ଶେଷ ଶେଷ ଆଉ ତାଙ୍କ ବଗିଚା ଥଣ୍ଡା ପାଗରେ ବେଶ୍ ଫୁଲ ମୟ।

ହେଲେ ଆଜି ୧୦ ଦିନ ପରେ ଫେରି ତା' ବଗିଚା ଅବସ୍ଥା ଦେଖି ବେଶ୍ ଖୁସି ହେଲି। ସନ୍ଧ୍ୟା ଟା ଦେଇସାରି ଛବିକୁ ଫୋନ୍ କଲି ସେ ତୋ ସୁଜାତା ଦିଦି କୁଆଡେ ଗଲେ କି? ଆଉ ତୁ କ'ଣ ତା' ବଗିଚା ଦେଖା ଶୁଣା କରୁନୁ କି? ସେ ବହୁ କଷ୍ଟରେ କହିଲା ମା' ମୋ ଦେହ ବହୁତ ଖରାପ, ସୁଜାତା ଦିଦି ଆଉ ତାଙ୍କ ବାପା ଦିଲ୍ଲୀ ଯାଇଛନ୍ତି ବୋଲି କହିଥିଲେ। ମୁଁ ତା କଥା ଅଧାରେ, ରଖି କହିଲି ହଁ ଦିଲ୍ଲୀ ପ୍ରଧାନ ମନ୍ତ୍ରୀ ଡାକିଥିବେ ତାକୁ ଏମିତି ପାର୍କଟେ କରିଛି ବୋଲି ! ହୁଁ ଗାଁକୁ ଯାଇଥିବ, ଲାଜ ଲାଗିବ ବୋଲି ଦିଲ୍ଲୀ କହିଛି, ହଉଛାଡ ତୁ କାଲିଠାରୁ ଆସିଯିବୁ ମୁଁ ଫେରି ଆସିଲିଣି।

ହଠାତ୍ ମୋ ସ୍ୱାମୀ ପାଟି କରି ଡାକିଲେ ଏ ମାନସୀ ଜଲଦି ଆସ, ନିଉଜ ଦେଖ..... ଦେଖ.....ମୁଁ ଅନିଚ୍ଛାରେ ଗଲି, ନିୟୁଜ୍‌ର ଭଲ୍ୟୁମଟା ବଢ଼ାଇ ଦେଲେ ସେ। ଆରେ ଏ କ'ଣ ରାଷ୍ଟ୍ରପତି ଭବନର କ'ଣ ଗୋଟେ ପ୍ରୋଗ୍ରାମ, ଏଁ ଆଗ ଧାଡିରେ କ'ଣ ସେ ସୁଜାତାର ବୁଢ଼ା ବାପା ହ୍ୱିଲ୍ ଚେୟାରରେ ! ମୁଁ ଲଥ୍ କିନା ବସିଗଲି, କାନରେ ଠାଏ ଠାଏ ବାଜୁଥାଏ ଓଡିଶା ମାଟି ଗର୍ବିତ ମେଜର ମନୋଜ ମହାନ୍ତିଙ୍କୁ ପାଇ। ଦେଶ ଲାଗି ଲଢ଼ି ସେ ବମ୍ବେଠାରେ ହୋଇଥିବା ସନ୍ତ୍ରାସବାଦୀଙ୍କ ଗୁଳିମାଡରେ ଟଳିପଡିଲେ, ବାପ-ମାଙ୍କ ଏକମାତ୍ର ପୁଅ, ବାସ୍ ତିନି ମାସର ବୈବାହିକ ଜୀବନ, ସବୁ ପଛରେ ପକାଇ ମେଜର ମନୋଜ ଦେଶ ଲାଗି ଶହିଦ୍ ହୋଇଗଲେ, ଯାହାଙ୍କ ତ୍ୟାଗ ଯୋଗୁ ବମ୍ବେର ଅନେକ ବଡ ବଡ ଧ୍ୱଂସ ହେବାରୁ ରକ୍ଷା ପାଇଗଲା, ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତିଙ୍କୁ ରାଷ୍ଟ୍ରପତି ତାଙ୍କ ସ୍ୱାମୀଙ୍କ ପରମବୀର ଚକ୍ର ପ୍ରଦାନ କରୁଛନ୍ତି। ମୋ ଆଖିରୁ ଲୁହ ଝରିବାକୁ ଲାଗିଲା, ସୁଜାତା ମଠା ଶାଢ଼ୀ ସେମିତି ଠାକୁରାଣୀ ପରି ଚେହେରା, ନିର୍ବିକାର ନା ହସ ନା କାନ୍ଦ ରାଷ୍ଟ୍ରପତିଙ୍କଠାରୁ ସ୍ୱାମୀଙ୍କ ଲାଗି ଏତେବଡ ପୁରସ୍କାର ଗ୍ରହଣ କରୁଥିଲା, ଟିଭି ବାଲା ବି ଜୁମ୍ କରି ତା' ମୁହଁ ଆଡେ କ୍ୟାମେରା ଟା କରିଦେଲେ, ତା' ଆଖି ଯେମିତି ମୋ ଆଖିରେ ମିଶି ଯାଉଥାଏ, ଯେମିତି ଏ ଆଖି ମୋତେ ଅନେକ ପ୍ରଶ୍ନ ପଚାରୁଛି, ମୁଁ ଭୋ ଭୋ କି କାନ୍ଦିବାକୁ ଲାଗିଲି, ମୋ ସ୍ୱାମୀ ହତବାକ୍ ହେଇ ପଚାରୁଥିଲେ କ'ଣ ହେଲା ମାନସୀ? ମୁଁ ସେମିତି କାନ୍ଦି କାନ୍ଦି କହୁଥିଲି ଆମ ନାତି ଯେଉଁ ସ୍କୁଲରେ ପଢୁଛି, ସେ ସ୍କୁଲକୁ ସନ୍ତ୍ରାସବାଦୀଙ୍କ କବଳରୁ ଏଇ ମେଜର ମନୋଜ ହିଁ ରକ୍ଷା କରିଥିଲେ। ସେ ମରି ମୋ ନାତି ପରି କେତେ ଛୁଆଙ୍କୁ ଜୀବନ ଦେଲେ। ଧିକ୍ ମୋ ଜୀବନ, ମାତ୍ର ତିନିମାସର ବିବାହିତା ଗୋଟେ ଶହିଦ୍‌ର ବିଧବା ଆଉ ଶ୍ୱଶୁରଙ୍କ ଦାୟିତ୍ୱ ନେଇ ବାସ୍ ନିଜ ଗଛ ଲତାକୁ ନିଜ ଛୁଆ ଭଳି ସ୍ନେହ ବାଣ୍ଟୁଛି, ବାସ୍ ନିଜ ଭିତର ଦୁଃଖକୁ ରଙ୍ଗ ବେରଙ୍ଗ ଫୁଲ ବଗିଚାରେ ଭରି ସେ ତା ଜୀବନର ବେରଙ୍ଗତାକୁ ଲୁଚାଇ ଚାଲିଥିଲା ଆଉ ମୁଁ କେତେ ନିଚ କଥା ସବୁ ଛି....ଛି.....

ବାସ୍ ସକାଳୁ ଉଠି ଆଉ ଚା ନ କରି ମୋ ସ୍ୱାମୀଙ୍କୁ ଡାକିଲି ଆସ, ସେ ପଚାରିଲେ କୁଆଡେ ? ଶହିଦ୍ ଭବନକୁ ସେ ନ ଫେରିବା ଯାଏଁ, ଆମ ପାଣି ପାଇପ୍‌ଟା ପାଚେରୀ ପାରକରି ବଗିଚାକୁ ଜୀବନ ଦେବା। ମୋ ସ୍ୱାମୀ ତାଟକା... ତଥାପି ଚାଲିଲେ। ମୁଁ ଗଛଗୁଡିକୁ ପାଣି ଦେବାରେ ଲାଗିଲି, ମନେମନେ କହୁଥିଲି ଏ ଶହିଦ୍ ଭବନରେ ଆଉ ଗୋଟେ ଲତାକୁ ବି ମରିବାକୁ ଦେବିନି, ସେତିକି ବେଳେ ଛବି ଆସିଲା, ଆରେ ମା' ଏ କ'ଣ ଆପଣ ଠିକ୍ ଅଛନ୍ତି ତ? ତାକୁ କହିଲି ହଁ ଏବେ ଠିକ୍ ଅଛି, ଆଗରୁ ସେ ପ୍ରହେଳିକା କାଲି ମୋ ଆଖିରୁ ଲୁହ ହେଇ ବୋହି ଯାଇଛି, ଆ' ତୁ ବି ଲାଗିପଡ, ଘର କାମ ପରେ ହବ। ଏ ଶହିଦ୍ ଭବନ ସବୁ ବେଳେ ଫୁଲ, ପତ୍ର, ରଙ୍ଗ, ବାସ୍ନାରେ ଭରି ରଖିବା ଦାୟିତ୍ୱ ଆମର.......

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ବାଲେଶ୍ୱର (ପିଏନ୍)- ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ଏବଂ ବେଆଇନ ଭାବେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜନ ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ" ଆଜି ପୂର୍ବାହ୍ନରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଯାତ୍ରା ଆରମ୍ଭ କରିଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ରଥ ଜିଲ୍ଲାର ବିଭିନ୍ନ ସହରାଂଚଳ ଓ ବ୍ଲକ ଗସ୍ତ କରି ଲୋକମାନଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରିବ । ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହ କାରାଦଣ୍ଡ ପାଇଁ ଆଇନରେ ବ୍ୟବସ୍ଥା ରହିଛି । କିଛି ଦିନର ସଚେତନତା କାର୍ଯ୍ୟକ୍ରମ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଚଳରେ ଚଢଉ ଆରମ୍ଭ କରାଯାଇ ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ବାସ୍ତବିକ୍ ସ୍ଥିତିର ଆକଳନ କରାଯିବା ସହିତ ଆଇନ ଉଲ୍ଲଙ୍ଘନ କ୍ଷେତ୍ରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅବସରରେ ଆମ ଜିଲ୍ଲା ତଥା ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ୫-ଟି ଯୋଜନାରେ ବଦଳୁଛି ସ୍କୁଲର ନକ୍ସା, ସୃଦୃଢ ହେଉଛି ଶିକ୍ଷା ବ୍ୟବସ୍ଥା



ଧର୍ମଶାଳା (ପିଏନ୍): ବିଦ୍ୟାଳୟଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୫-ଟି ମାଧ୍ୟମରେ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ୫-ଟି ମାଧ୍ୟମରେ ରୁପାନ୍ତରିତ ସ୍ମାର୍ଟ କ୍ଲାସ ରୁମରେ ବସି ପାଠ ପଢ଼ିବା ସହିତ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରୁଛନ୍ତି ଛାତ୍ରଛାତ୍ରୀ। ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ଗୋଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଚକାଚକ୍ କ୍ଲାସ ରୁମ୍। ରୂପାନ୍ତରିକରଣ ପରେ ବଦଳୁଛି କ୍ଲାସ ରୁମର ନକ୍ସା। ଛାତ୍ରଛାତ୍ରୀମାନଙ୍କ ପଢିବା ପାଇଁ ସୁନ୍ଦର ବେଂଚ୍ ଓ ଡେକ୍ସର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ହୋଇଛି। ଏହି ଯୋଜନାରେ ଧର୍ମଶାଳା ବ୍ଲକ ଜାରକା ପଂଚାୟତର ଅମରେଶ୍ୱରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର ପରିବେଶ ସାଙ୍ଗକୁ ଶିକ୍ଷା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥାକରାଯାଇଛି । ଏଠାରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲ୍ୟାବ, କମ୍ପ୍ୟୁଟର ହଲର ବ୍ୟବସ୍ଥା ହୋଇଛି। ଡିଜିଟାଲ ବୋର୍ଡରେ ପାଠପଢି ସ୍ମାର୍ଟ ହେଉଛନ୍ତି ଛାତ୍ରଛାତ୍ରୀ। ନୂଆ ରୂପରେ ହାଇସ୍କୁଲ ଝଲସୁଥିବା ବେଳେ କ୍ଲାସ ରୁମରେ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରିଛନ୍ତି ଛାତ୍ରଛାତ୍ରୀ। ରାଜ୍ୟ ସରକାରଙ୍କ ଏଭଳି ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରୁଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ। ବିଦ୍ୟାଳୟରେ କେବଳ ପାଠପଢା ନୁହେଁ ଏହି ବ୍ୟବସ୍ଥାରେ ଆନୁସଙ୍ଗିକ ଉପକରଣ ସହ ଶାରିରୀକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

# କନକମଂଜରୀ ମହାବିଦ୍ୟାଳୟରେ ଉତ୍ତର କହିଛନ୍ତି ଅଧାପକ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା ସ୍ଥିତ କନକ ମଂଜରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷା ଚାଲିଥିଲା ଏବଂ ଏହା ହୋଇଥିଲା ଏକ ହବ୍ ସେଣ୍ଟର ଯେଉଁଠି କି ପରୀକ୍ଷାର୍ଥୀଙ୍କୁ ଉତ୍ତର ଡାକି ଦେଇଥିଲେ ଅଧାପକ। ଏଭଳି ଏକ ସଙ୍ଗୀନ ଅଭିଯୋଗ ଇ ମେଲ ଦ୍ୱାରା ଶିକ୍ଷା ବିଭାଗକୁ ଜଣାଇଛନ୍ତି ଜଣେ ଅଭିଭାବକ ଅଳୀ ପ୍ରଧାନ । ଅଭିଯୋଗକାରିଣୀ ଅଳୀ ପ୍ରଧାନଙ୍କ ଝିଅ କହିବା ଅନୁସାରେ କଲେଜରେ ସିସିଟିଭି ଲାଗିଥିବା ସତ୍ତ୍ୱେ ଅଧାପକମାନେ ଉତ୍ତର ଡାକି ଦେଉଥିଲେ। ଫଳରେ ସେମାନେ ୧୫ଜଣ ଝିଅ ଯୁକ୍ତଦୁଇ ପରୀକ୍ଷା ଦେଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ୧୫ ଝିଅ ଅଧକ୍ଷ ଶ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯାଇ ଅନୁରୋଧ କରିଥିଲେ ଏବଂ ସେହି ୧୫ଜଣ ଝିଅଙ୍କୁ ଅଲଗା ଗୋଟିଏ ରୁମ୍‌ରେ ପରୀକ୍ଷା କରାଇବାକୁ କହିଥିଲେ। କାରଣ ଏଭଳି ଉତ୍ତର ଡାକିଲା ବେଳେ ସେମାନଙ୍କର ଏକାଗ୍ରତା ଭଙ୍ଗ ହେଉଥିଲା । ଅଧକ୍ଷ ଶ୍ରୀ ମହାନ୍ତି ସେହି ଛାତ୍ରୀମାନଙ୍କ କଥାକୁ ଭୃକ୍ଷେପ ନକରିବାରୁ ସେହି ୧୫ଜଣ ଛାତ୍ରୀ ଶିକ୍ଷା ବିଭାଗକୁ ଇମେଲ ଜରିଆରେ ଅଭିଯୋଗ କରିଥିବା ଜଣାପଡିଛି ।

# ଝୁମ୍ପୁରା ପଂଚାୟତ ସମିତିର ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): ଝୁମ୍ପୁରା ପଂଚାୟତ ସମିତି କାର୍ଯ୍ୟାଳୟରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ପଂଚାୟତ ସମିତିର ବୈଠକ। ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନଚରଣ ମାଝୀ, ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ବ୍ଲକ ଉପାଧକ୍ଷ ମାନସରଂଜନ ବିଶ୍ୱାଳ, ଏବିଡିଓ ଚୁନୁ ହାଁସଦାଃ, ସହକାରୀଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ , ବ୍ଲକ ସ୍ତରୀୟ ସମସ୍ତ କନିଷ୍ଠ ଯନ୍ତ୍ରୀ, ଶିଶୁବିକାଶ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଉଦ୍ୟାନ ବିଭାଗ, କୃଷି ବିଭାଗ,ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ବୈଠକରେ ଝୁମ୍ପୁରା ବ୍ଲକର ୨୨ଗୋଟି ଗ୍ରାମ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟାଙ୍କ ସହିତ ୩ଟି ଜୋନର ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ । ବୈଠକରେ ମନରେଗା ଏବଂ ଗ୍ରାମାଚଂଳରେ ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ ପାଇଥିବା ବେଳେ ଅଙ୍ଗନବାଡୀ କେନ୍ଦ୍ରଗୁଡିକରେ ନିୟମିତ ଖାଦ୍ୟ ଏବଂ ସଠିକ୍ ପରିମାଣ ଅଣ୍ଡା ଦିଆଯାଉ ନଥିବା ଅଭିଯୋଗ ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା,ଭତା ସମ୍ପର୍କିତ ବିଭିନ୍ନ ପଂଚାୟତ ପ୍ରତିନିଧିଙ୍କ ସମସ୍ୟାଗୁଡିକ ଉପରେ ସବିଶେଷ ଆଲୋଚନା କରାଯାଇ ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ପ୍ରସ୍ତାବ ଗୃହିତ ହୋଇଥିଲା।

# ମହିଳାମାନଙ୍କ ରୋଜଗାରର ମାଧ୍ୟମ ସାଜିଛି ଧୂପକାଠି



ଖୋର୍ଦ୍ଧା (ପିଏନ)- ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ସାଲତରା ଗ୍ରାମରେ ୨୦୧୮ ମସିହାରୁ ଯାଜ୍ଞସେନୀ ପ୍ରଡ୍ୟୁସର ମହିଳା ଗ୍ରୁପ ଓରମାସ ସହଯୋଗରେ ଭଡାଘରେ ଧୂପକାଠି ତିଆରି କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ପାରିଛି । ଯାହାକି ୬ ଟି ମେସିନରେ ୩୦ ଜଣ ମହିଳା ସିଫ୍ଟ ଅନୁଯାଇ ଦିନକୁ ୩ କ୍ୱିଂଟାଲ ଧୂପକାଠି ବାହାର କରି ଖରାରେ ଶୁଖାଇ ଝୁଣା, ଗୁଗୁଳ, କସ୍ତୁରୀ ଓ ଚନ୍ଦନ ବତୀ କରି ବିଭିନ୍ନ ଓଜନର ପ୍ୟାକେଟ ପ୍ରସ୍ତୁତ କରିଥାନ୍ତି। ଏହା ଅଧକିଲୋ ପ୍ୟାକେଟରେ ୫ଶହ ଧୂପକାଠିକୁ ୧ ଶହ ଟଙ୍କାରେ ବିକ୍ରୀ କରିଥା'ନ୍ତି। ଏହି ବତୀଗୁଡିକ ନିର୍ମାଣରେ ବ୍ୟବହୃତ ହେଉଥିବା କଂଚାମାଲ ଯଥା: ବାଉଁଶକାଠି,କୋଇଲା ଗୁଣ୍ଡ (ଚାର୍ପୁଲ) ଓ ଉଡ ପାଉଡର ଦି ଗ୍ରେଡ(ଜୋଶ ପାଉଡର)କୁ କଟକ ଜିଲ୍ଲା ଜଗତପୁରଠାରୁ ଆଣିଥାନ୍ତି। ଏହା କମ ଦରରେ ଅଧିକ କାଠି ରହିଥିବାରୁ ବିଭିନ୍ନ ବ୍ୟବସାୟୀମାନେ କିଣିନେଇଥାନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ଜିଲ୍ଲାରେ ହେଉଥିବା ଓରମାସର ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ବିକ୍ରୀ କରିଥାନ୍ତି ବୋଲି ସଭାପତି ଝରଣା ଦଳେଇ ଓ ସମ୍ପାଦକ ସୁଶ୍ରୀ ସଙ୍ଗୀତା ନାୟକ କହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ମିଳିବ ତେବେ ନିଯୁକ୍ତିର ହାର ବଢିବା ସହ ଉତ୍ପାଦନ ଶକ୍ତି ବଢିପାରିବ ବୋଲି ସେମାନେ ଆଶା କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଜୁନ୍ ୧୪**

# ନୂତନ ସରକାରଙ୍କୁ ଅଭିନନ୍ଦନ

୨୦୨୪ ବିଧାନସଭା ନିର୍ବାଚନରେ ୨୪ବର୍ଷର ବିଜେଡି ଶାସନକୁ ଧରାଶାୟୀ କରି ରାଜ୍ୟରେ ଅପ୍ରତ୍ୟାଶିତ ଭାବେ ଏକକ ସଂଖ୍ୟାଗରିଠତା ହାସଲ କରିଥିବା ଜାତୀୟ ଦଳ ବିଜେପିର ମୁଖ୍ୟମନ୍ତ୍ରୀ କିଏ ହେବେ ସେ ନେଇ ଦୀର୍ଘ ଏକ ସପ୍ତାହ ଧରି ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟାଇ ଶେଷରେ ଦଳ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ ବିଧାୟକ ମୋହନ ମାଝୀଙ୍କ ନାମ ଘୋଷଣା କରିଛି। ଏଥିରେ ବିସ୍ମିତ ହେବାର କିଛି କାରଣ ନାହିଁ। ଅତୀତରେ ବିଜେପି ରାଜ୍ୟ ଓ ଦଳର ସ୍ୱାର୍ଥ ଦୃଷ୍ଟିରୁ ବହୁ ରାଜ୍ୟରେ ଏଭଳି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରିଛି, ଯେଉଁମାନେ କି କେବଳ ଚର୍ଚ୍ଚାରେ ନଥିଲେ। ଓଡିଶାରେ ଅନୁରୂପ ଢାଂଚାରେ ବିଜେପିର ଶୀର୍ଷ ନେତୃତ୍ୱରେ ଚର୍ଚ୍ଚାରେ ନଥିବା ନାମକୁ ମୁଖ୍ୟମନ୍ତ୍ରୀ ଭାବେ ସ୍ୱୀକୃତି ଦେଇଛନ୍ତି। ସେହିପରି ଦୀର୍ଘ ୨୫ବର୍ଷ ପରେ ରାଜ୍ୟରେ ଦୁଇଜଣଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ଦଳ ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ ଯେ, ୫୩ବର୍ଷ ବୟସ୍କ ଶ୍ରୀ ମାଝୀ ଶିକ୍ଷକତାରୁ ନିଜର କର୍ମମୟ ଜୀବନ ଆରମ୍ଭ କରି ସରପଂଚରୁ ରାଜନୈତିକ ଜୀବନ ଆରମ୍ଭ କରି କେନ୍ଦୁଝରର ବିଧାନସଭା ଆସନରୁ ଚାରିଥର ବିଧାୟକ, ବିଜେଡି-ବିଜେପି ମେଂଟ ସରକାରରେ ସରକାରୀ ମେଂଣ ଉପ-ମୁଖ୍ୟ ସଚେତକ, ମେଂଟ ଭାଙ୍ଗିବା ପରେ ବିରୋଧି ଦଳର ମୁଖ୍ୟ ସଚେତକ ଭାବେ ନିଜର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଛନ୍ତି, ଯେଉଁଥିପାଇଁ କି ଦଳର ଶୀର୍ଷ ନେତୃତ୍ୱ ତାଙ୍କ ଉପରେ ପୂର୍ଣ୍ଣ ଭରସା କରି ସୁନା କଳସ ଢାଳିଛନ୍ତି। ଜଣେ ଆଦିବାସୀ ନେତା ଭାବେ ନିଜର ସରଳ ଜୀବନ, ଆମାୟିକ ବ୍ୟବହାର ଏବଂ କାର୍ଯ୍ୟକ୍ଷେତ୍ରରେ ନିଜର ଦୃଢତା ପାଇଁ ସେ ଆଜି ରାଜ୍ୟରେ ସର୍ବୋଚ୍ଚ ଆସନରେ ଆସୀନ ହୋଇପାରିଛନ୍ତି ଏବଂ ଦଳ ତାଙ୍କ ଉପରେ ପୂର୍ଣ୍ଣ ଭରସା କରିଛି, ଏହା ନିସନ୍ଦେହରେ ସ୍ୱୀକାର କରିବାକୁ ହେବ। ଏହା ନିସନ୍ଦେହ ଯେ, ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନରେ ରାଜ୍ୟର ଆଦିବାସୀ ସଂରକ୍ଷିତ ଆସନଗୁଡିକ ବିଜେପିର ଉଲ୍ଲେଖନୀୟ ବିଜୟ ପାଇଁ ଜଣେ ଆଦିବାସୀ ନେତାଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଚୟନ କରି ଅନୁସୂଚିତ ଜନଜାତି ସଂପ୍ରଦାୟ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ ନକରିଛି। ସେହିପରି ଉପ-ମୁଖ୍ୟମନ୍ତ୍ରୀ ଭାବେ ଅସୀନ ହୋଇଥିବା ପାଟଣାଗଡର ଛଅଥରର ବିଧାୟକ ତଥା ବଲାଙ୍ଗୀରର ମହାରାଜ କନକ ବର୍ଦ୍ଧନ ସିଂହଦେଓଙ୍କ ଅଭିଜ୍ଞତା, ଦକ୍ଷତା ମଧ୍ୟ କିଛି କମ୍ ନୁହେଁ। ରାଜପରିବାରର ସଦସ୍ୟ ଶ୍ରୀ ସିଂହଦେଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଜ୍ୟେଷ୍ଠ ନାତି ଏବଂ ପୂର୍ବତନ ରାଜ୍ୟସଭା ସାଂସଦ ସ୍ୱର୍ଗତ ରାଜରାଜ ସିଂହଦେଓ ଜ୍ୟେଷ୍ଠପୁତ୍ର।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ତାଙ୍କ ପତ୍ନୀ ମଧ୍ୟ ବଲାଙ୍ଗୀର ଲୋକସଭା ଆସନରୁ ପଂଚମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ରାଜପରିବାର ଏବଂ ଏକ ରାଜନୈତିକ ପରିବାରର ସଦସ୍ୟ ଭାବେ ତାଙ୍କର ଶାସନଗତ କାର୍ଯଦକ୍ଷତା ଏବଂ ଅଭିଜ୍ଞତା କମ ନୁହେଁ। ଏତଦବ୍ୟତୀତ ୨୦୦୪ରୁ ୨୦୦୯ ମଧ୍ୟରେ ମେଂଟ ସରକାରରେ ଶିକ୍ଷ ଓ ନଗର ଉନ୍ନୟନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟଦକ୍ଷତା ଏବଂ ବିଜେପିର ରାଜ୍ୟ ଶାଖାର ସଭାପତି ଭାବେ ତାଙ୍କର ନେତୃତ୍ୱର ପାରଦର୍ଶିତା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଭାବେ ସେ ପୁରସ୍କୃତ ହୋଇଛନ୍ତି ବୋଲି କୁହାଯାଇପାରିବ। ସେହିପରି ଅନ୍ୟତମ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିବାବେଳେ ରାଜ୍ୟ ମହିଳା ଶାଖା ବିଜେପିର ନେତୃତ୍ୱ ନେଇ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ। ତାଙ୍କ ନେତୃତ୍ୱରେ ମହିଳା ଶାଖା ତତ୍‌କାଳୀନ ସରକାରଙ୍କୁ ଘେରିଥିବାବେଳେ ମହିଳା ଶାଖା ବିଜେପିକୁ ସୁସଂଗଠିତ କରିବାରେ ସମର୍ଥ ହୋଇଥିଲେ। ସେ ମଧ୍ୟ ରାଜ୍ୟଶାଖା ବିଜେପିର ଉପ-ସଭାନେତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଜଣେ ଉଚ୍ଚଶିକ୍ଷିତା ଓ ଆଇନଜୀବି ଭାବେ ପରିଚିତ। ତାଙ୍କର କାର୍ଯ୍ୟଦକ୍ଷତା ତାଙ୍କୁ ଆଜି ପ୍ରଥମ ଥର ବିଧାୟକ ହୋଇ ମଧ୍ୟ ଉପ-ମୁଖ୍ୟମନ୍ତ୍ରୀ ପଦରେ ପ୍ରତିଷ୍ଠିତ କରିଛି, ଏହା ସ୍ୱୀକାର କରିବାକୁ ହେବ। ଏହା ନିଶ୍ଚିତ ଯେ, ରାଜ୍ୟ ଶାସନର ତିନୋଟି ଶୀର୍ଷ ପଦବୀ ପାଇଁ ନାମ ଚୟନ ବେଳେ ଆଂଚଳିକ ଭାରସାମ୍ୟ ଓ ବିଭିନ୍ନ ବର୍ଗକୁ ବିଜେପି ଗୁରୁତ୍ୱ ଦେଇଛି। ବିଶେଷ କରି ଉତର, ପଶ୍ଚିମ ଓ ଉପକୂଳ ଅଂଚଳରୁ ତିନି ଶୀର୍ଷ ନେତୃତ୍ୱ ଚୟନ କରାଯାଇଥିବାବେଳେ ଆଦିବାସୀ, ମହିଳା ଓ ଉଚ୍ଚବର୍ଗ ମଧ୍ୟରେ ଭାରସାମ୍ୟ ରକ୍ଷା କରାଯାଇଛି। ତେବେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ରାଜ୍ୟକୁ ଦେଶରେ ଏକ ନମ୍ବର ରାଜ୍ୟ କରିବା, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଂଟି କାର୍ଯ୍ୟକାରୀ କରିବା, ଦଳ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ କିପରି ପୂରଣ କରିବ, ତାହା ଦେଖିବାକୁ ଅପେକ୍ଷା। ଏହା ବ୍ୟତୀତ ବିଦାୟୀ ନବୀନ ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନାକୁ ଚାଲୁ ରଖିବ ନା ରଦ୍ଦ କରିବ, ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅବଶ୍ୟ ବିଜେପି ବିଦାୟୀ ବିରୋଧି ଦଳ ସରକାରର ବହୁ ଯୋଜନା ଓ କାର୍ଯ୍ୟକ୍ରମକୁ ଦେଶ ବା ରାଜ୍ୟଗୁଡିକରେ ରଦ୍ଦ କରିବା ନେଇ ବହୁ ଦୃଷ୍ଟାନ୍ତ ରହିଛି। କିନ୍ତୁ ବିଦାୟୀ ନବୀନ ସରକାରଙ୍କ ବହୁ ଯୋଜନା ଜନସାଧାରଣଙ୍କ ଦ୍ୱାରା ଏତେ ମାତ୍ରାରେ ଆଦୃତ ହୋଇପାରିଛି ଯେ, ତାହାକୁ ବାତିଲ କରିବା କିମ୍ବା ଚାଲୁ ରଖିବା ନିଶ୍ଚିତ ଭାବେ ନୂଆ ମୁଖ୍ୟମନ୍ତ୍ରୀ ଏବଂ ନୂଆ ସରକାରଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ। ନୂତନ ମୁଖ୍ୟମନ୍ତ୍ରୀ ଓ ନୂତନ ସରକାର ରାଜ୍ୟର ଜନସାଧାରଣଙ୍କ ଆଶା-ଆକାକ୍ଷାଂ ପୂରଣ କରିବା ସହ ଦଳର ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟର ବିକାଶ ଶୀର୍ଷରେ ପହଁଚାଇବା ନେଇ ଆମେ ଆଶାବାଦୀ। ନୂତନ ମୁଖ୍ୟମନ୍ତ୍ରୀ ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହ ଯାତ୍ରା ସଫଳ ହେଉ, ଏହା ହିଁ କାମନା କରୁଛୁ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ସରକାର ସ୍ଥାୟୀ, ବିରୋଧି ମଜଭୁତ ଏବଂ କିନ୍ତୁ -ପରନ୍ତୁ

ଗଣତନ୍ତ୍ର ହାରିନାହିଁ, ଗଣତନ୍ତ୍ରର ବିଜୟ ହୋଇଛି, ଏକଥା ଏଇଥିପାଇଁ କୁହାଯାଇଛି ଯେ ଭାରତୀୟ ଜନସାଧାରଣ ଭୋଟରଙ୍କ ବିବେକ ପରିପକ୍ୱ ହୋଇ ଯାଇଛି। ଏଥିରେ କୌଣସି ସନ୍ଦେହ ନାହିଁ। ରାଜନୈତିକ ଦଳମାନଙ୍କୁ ଏମାନେ ମୂଳଭୁତ ଆବଶ୍ୟକତାର ଆଧାରରେ ତଉଲିଥାନ୍ତି, ଏପରିକି ସାମ୍ବିଧାନିକ ଆଧାରରେ ମଧ୍ୟ ପରଖିଥାନ୍ତି। ଭୋଟରମାନେ ଯେତେବେଳେ ତାଙ୍କ ମନର କଥା ଶୁଣିଥାନ୍ତି ସେତେବେଳେ ଅନ୍ୟ ସବୁ କଥାକୁ ଏଡ଼େଇ ଦେଇଥାନ୍ତି। ୨୦୨୪ର ନିର୍ବାଚନ ଏଇକଥା ହିଁ ହୋଇଛି। ଦେଶର ଜନସାଧାରଣ ଏନଡିଏର ୪୦୦ ପାରକଥା ଶୁଣି ନାହାଁନ୍ତି କିମ୍ବା ଇଣ୍ଡିଆ ମେ ର ସଂଖ୍ୟାଗରିଷ୍ଠତା କଥାକୁ ଶୁଣି ପନାହାଁନ୍ତି କିମ୍ବା ଇଣ୍ଡିଆ ମେ ର ସଂଖ୍ୟାଗରିଷ୍ଠ ଦଳ ଭାବେ ମାନ୍ୟତା ଦେଇଛନ୍ତି ଏବଂ ଏନଡିଏ ମେଣ୍ଟକୁ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ଦେିଛନ୍ତି। ଜନସାଧାରଣ ଏ ଯେଉଁ ଆଦେଶ (ମତାମତ) ଦେଇଛନ୍ତି ତାର ଅର୍ଥ ହେଉଛି ଏନଡିଏ ସରକାର ଗଠନ କରୁ କିନ୍ତୁ ତାକୁ ମଜଭୁତ ବିରୋଧି ଦଳର ସାମନା କରିବାକୁ ପଡିବ। ସ୍ୱାଭାବିକ କଥା ହେଉଛି



ଗୋପାଳ ମହାପାତ୍ର

ଜଣେ ଅଧିକ ସବଳ ଏବଂ ଅନ୍ୟ ଜଣେ ଅଧବକ ଦୁର୍ବଳ ହେଲେ ସାମଞ୍ଜସ୍ୟ ରହିବ ନାହିଁ। ଏହି ସମସ୍ୟାକୁ ମଧ୍ୟ ଦୁର କରି ଦେଇଚନ୍ତି ଭାରତୀୟ ଭୋଟର। ଜଣେ ବିଦେଶୀ ଲେଖକଙ୍କ ମତରେ ଗଣତନ୍ତ୍ର କେତେ ମଜଭୁତ ସେକଥା ବିପକ୍ଷଙ୍କ ଉପସ୍ଥିତିରୁ ହିଁ ଜଣା ପଡ଼ଇବ। ମ୍ୟାମାରର ଅନ୍ୟତମ ରାଷ୍ଟ୍ରନେତା ଆଙ୍ଗସାନ ସୁଙ୍କ ମତରେ ବିରୋଧିଙ୍କୁ ଭୁଲ ବୋଲି କହିବା, ଗାଳିଦେବା ଗଣତନ୍ତ୍ରର ବୁନିଆଦି ଅବଧାରଣାକୁ ବୁଝି ନପାରିବା ଏବଂ ବିରୋଧିଙ୍କୁ ଚପାଇଦେବାର ଅର୍ଥ ହେଉଛି ଗଣତନ୍ତ୍ରର ଚେରକୁ ଉପାଡ଼ିବା। ଏକଥା ସତ୍ୟ ଯେ ନରେନ୍ଦ୍ର ମୋଦୀ ତାଙ୍କ ୨୦୧୪ ରୁ ୨୪ ୧୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଅନେକ ଐତିହାସିକ ପଦକ୍ଷେପ ନେଇପାରିଛନ୍ତି। ଧାରା ୩୭୦ ଉଚ୍ଛେଦ ଏକ ଉଦାହରଣ। ତାଙ୍କ କାର୍ଯ୍ୟକାଳ ସମୟରେ ଦେଶର ପ୍ରଗତି ହୋଇଛି ବିଶ୍ୱସ୍ତରରେ ଭାରତର ଖାତିର ମଧ୍ୟ ବଢିଛି। କିନ୍ତୁ ଦେଶର ଭୋଟରମାନେ ବିରୋଧି ନିରନ୍ତର ଦୁର୍ବଳ ହୋଇପଡ଼ିବା ଏବଂ ଶାସକ ଏହାର ଫାଇଦା ଉଠାଇବା କଥାକୁ ମଧ୍ୟ ବୁଝିପାରିଲେ। ଶାସକ ଦଳର ନେତାମାନେ ଯେଉଁ କଂଗ୍ରେସ ମୁକ୍ତ ଭାରତ କଥା କହିଲେ ତାକୁ ଲୋକେ ଗ୍ରହଣ କରିପାରିଲେ ନାହିଁ। ଗଣତନ୍ତ୍ରରେ କୌଣସି ଦଳର ସମୁଳେ ବିନାଶ କଥା କେହି ଭାବି ପାରିବେ କେମିତି ? କଂଗ୍ରେସ ଏକ ବଟବୃକ୍ଷ ଯାହାର ଅନେକ ଡାଳ ଭାଙ୍ଗି ପଡ଼ିଛି ନିଶ୍ଚୟ କିନ୍ତୁ ତାର ଚେର ଅତି ଭଗୀରକୁ ଚାଲିଯାଇଛି। ଯେମିତି ବଟ ବୃକ୍ଷର ଏକ ଓହଳ ତଳକୁ ଯାଇ ଏକ ନୂଆ ବଟବୃକ୍ଷର ସ୍ୱରୂପ ଗ୍ରହଣ କରିଥାଏ ସେହିଭଳି କ୍ଷମତା ମଧ୍ୟ କଂଗ୍ରେସର ରହିଛି। ଗୋଷ୍ଠୀ କନ୍ଦଳ କାରଣରୁ କଂଗ୍ରେସର ସ୍ଥିତି ଖରାପ ହୋଇଥିଲେ ମଧ୍ୟ କ୍ଷମତା ତ ରହିଛି।

ଏଥର କଂଗ୍ରେସ ଆ ଳିକ ଦଳମାନଙ୍କ ସହ ବୁଝାବଣା କରି ଲୋକଙ୍କ ଭରଷା ଅନେକ ପରିମାଣରେ ଜିତିବାରେ ସକ୍ଷମ ହୋଇଛି। ଏବେ କଂଗ୍ରେସ ଏବଂ ତାର ସହଯୋଗୀ ଦଳମାନଙ୍କ ସାବ୍ୟସ୍ତ କରିବାକୁ ହେବ ଯେ ଭୋଟର ବା ଜନସାଧାରଣଙ୍କ ନିଷ୍ପ କୁ ସେମାନେ କେମିତି ଗ୍ରହଣ କରୁଛନ୍ତି ଓ ତାଙ୍କ ସମସ୍ୟାକୁ ସଂସଦରେ କେତେ ପରିମାଣରେ ଉଠାଇ ପାରୁଛନ୍ତି। କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ମେ ପାଇଁ ଆଗାମୀ ଦିନରେ ଥିବା ଚାଲେଞ୍ଜ ବାବଦରେ ବିଶ୍ଳେଷଣ କରିବା ପୂର୍ବରୁ ଏକଥା ମଧ୍ୟ ଦେଖିବା ଜରୁରୀ ଯେ ଏବେ ସବୁଠାରୁ ବଡ଼ ଚାଲେଞ୍ଜ ନରେନ୍ଦ୍ର ମୋଦୀଙ୍କ ପାଇଁ ରହିଛି। ରାଜନୈତିକ ବିଶ୍ଳେଷକମାନଙ୍କ ସ୍ପଷ୍ଟ ମତ ହେଉଛି ଅନ୍ୟ ଦଳରୁ ଆଣି ନିଜ ଦଳରେ ସାମିଲ କରିବା କାରଣୁ ବିଜେପିକୁ ମହାରାଷ୍ଟ୍ରରେ ଆଶାତୀତ ଫଳ ମିଳିଲା ନାହିଁ, କଂଗ୍ରେସ ଏବଂ ଇଣ୍ଡିଆ ମେ ପାଇଁ ମଧ୍ୟ ଅନେକ ଚାଲେଞ୍ଜ ରହିଛି। ଏବେ ବିରୋଧି ଦଳ ମଜଭୁତ ନିଶ୍ଚୟ କିନ୍ତୁ ସାର୍ଥକ ବିରୋଧି ଚାପରେ ଏକ ପରିଚୟ ସୃଷ୍ଟି କରିବା କଂଗ୍ରେସ ଓ ଇଣ୍ଡିଆ ମେ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଇଣ୍ଡିଆ ମେ ରେ ମଧ୍ୟ ଅନେକ ଦଳ ଅଛନ୍ତି ଯେଉଁମାନଙ୍କୁ ସମ୍ଭାଳିବା ମଧ୍ୟ ମୁସ୍କିଲ। ସମସ୍ତଙ୍କର ଆକାଂକ୍ଷା ରହିଛି ଓ ପ୍ରଲୋଭନ ଦେଖାଇବା ପାଇଁ ମଧ୍ୟ ଦଳ / ଲୋକ ଅଛନ୍ତି। ଏଣୁ ମୋଦୀଙ୍କ ୩ୟ ପାଳିର ସରକାର ସ୍ଥିର/ ସ୍ଥାୟୀ ସରକାର ହେବ ବୋଲି ଆଶା କରାଯାଇପାରେ, ବିରୋଧି ମଧ୍ୟ ମଜଭୁତ ଅଛନ୍ତି ହେଲେ ଅନେକ କିନ୍ତୁ-ରନ୍ତୁ ରହିଛି।

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# ରଜ ଓଡ଼ିଶାର ଏକ ପ୍ରମୁଖ କୃଷି ଭିତ୍ତିକ ପର୍ବ

ଆମ ଦେଶ ଭାରତ ଏକ କୃଷି ପ୍ରଧାନ ଦେଶ । ମାଟି ମା ଚାଷ ଦ୍ୱାରା ଅନେକ ଫସଲ ଆମ ହାତରେ ଅଜାଡ଼ି ଦିଏ। ମାଆ ଯେପରି ପ୍ରଜନନ ପୂର୍ବରୁ କିଛି ବିଶ୍ରାମ ଦରକାର କରେ ଠିକ୍ ସେହିପରି ଆମ ଓଡ଼ିଶାରେ ରଜ ପର୍ବ ପାଳନ ମାଧ୍ୟମ ରେ ମାଟି ମା ପ୍ରଜନନକ୍ଷମ ହୋଇ ତିନି ଦିନ ବିଶ୍ରାମ କରିଥାଏ । ଏହି ପର୍ବ କୁ ରଜ କହିବାର ତାତ୍ପର୍ଯ୍ୟ ହେଲା ପୃଥିବୀ ମା ଏହି ତିନିଦିନ ରଜସ୍ୱଳା ହୁଏ ଓ ଏହି ତିନିଦିନ ପୃଥିବୀ ପୃଷ୍ଠରେ କୌଣସି ପ୍ରକାରର କୃଷି କର୍ମ କରାଯାଏ ନାହି ବିଶେଷ କରି ହଳ ପ୍ରଭୃତି କରାଯାଏ ନାହିଁ । ରଜ ପର୍ବର ପ୍ରଥମ ଦିନ କୁ ପହିଲି ରଜ କୁହାଯାଏ ।ତାର ତିନି ଚାରି ଦିନ ଆଗରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ । ରଜ ର ପ୍ରଥମ ଦିନରୁ ହିଁ ଲୋକ ମାନେ ଏହାର ମଜା ନେବାକୁ ପୁରା ଭାବରେ ନିଜକୁ ସେହି ପର୍ବ ଭିତରେ ହିଁ ହଜାଇ ଦିଅନ୍ତି । ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ହିଁ ଶେଷ ରଜ ପାଳନ ହୁଏ । ରଜରେ କୁମାରୀ କନ୍ୟା ମାନେ ଏହି ପର୍ବର ମଉଜ ଭିତରେ ଜଣେ ନାରୀ ର ଚଳନି ଓ ଆଚାରସଂହିତାକୁ ବିଦ୍ଧି ବଦ୍ଧ ଭାବରେ ପାଳନ କରନ୍ତି ଏବଂ ଭବିଶ୍ୱତ୍ ରେ ଝିଅ ଟି ଯେତେବେଳେ ନାରୀ ଭୂମିକା ରେ ଅବତୀର୍ଣ୍ଣ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସହାୟ ହୁଏ । ରଜ ର ତୃତୀୟ ଦିନ ହେଉଛି ଭୂଇଁ ଦହନ,ବା ଭୂମି ଦହନ ବା ଭୂଇଁ ନହନ କୁହାଯାଏ । ରଜର ଚତୁର୍ଥ ଦିନ ରେ ବସୁମତୀ ସ୍ନାନ କୁହାଯାଏ । ଯେପରି ରଜସ୍ୱଳା ସ୍ତ୍ରୀ ଲୋକ ଟି ତିନିଦିନ ନିଜର ମାସିକ ଧର୍ମ ପାଳନ କରି ଚତୁର୍ଥ ଦିନ ପବିତ୍ର ସ୍ନାନ କରନ୍ତି ଠିକ୍ ସେହିପରି ଆମ ପୃଥିବୀ କୁ ମା ବା ଏକ ସ୍ତ୍ରୀ ର କଳ୍ପନା କରାଯାଇଛି ।ପ୍ରକାରନ୍ତାରରେ ଏହି ଚାଷର



ପ୍ରଦୀପ୍ତ କୁମାର କର

ଆଗମନ କୁ ବୁଝାଇଥାଏ । ବର୍ଷାର ଆଗମନରେ ଯେଉଁ ରଜ ପର୍ବର ପାଳନ ହୁଏ ଏହା ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ବହନ କରିଥାଏ। ଏହି ପର୍ବ ପାଳନ ଅବସରରେ ପ୍ରତି ଘରେ ଘରେ ପୋଡ ପିଠା,ଚକୁଳି ପିଠା, ମଣ୍ଡା ପିଠା, କାକରା ପିଠା ପ୍ରଭୃତି ପ୍ରସ୍ତୁତ ହୁଏ। ଏହି ରଜ ପର୍ବରେ ଅନେକ ଜାଗାରେ ଧରଣୀ ମାତା କୁ ସମ୍ମାନ ଜଣାଇ ହଳ ,ବା ଅନ୍ୟ କିଛି ଖନନ ବାରଣ କରାଯାଇଥାଏ। ଏହି ତିନିଦିନ କୁମାରୀ କନ୍ୟା ମାନେ ମାଟିରେ ଚାଲନ୍ତି ନାହିଁ।ପୁରାତନ କାଳରେ ଚପଲ ନ ଥିବା ବେଳେ ଗୁଆ ଗଛର ବାହୁଙ୍ଗି କୁ ରଶି ବାନ୍ଧି ଚପଲ ସଦୃଶ୍ୟ ପିନ୍ଧୁଥିଲେ । ରଜର ଚତୁର୍ଥ ଦିନରେ ସ୍ତ୍ରୀ ଲୋକ ମାନେ ସକାଳୁ ଉଠି ଶିଳପୁଆ କୁ ଧୋଇ ସେଥିରେ ହଳଦୀ ,ସିନ୍ଦୂର , କଜଳ ଲଗାଇ ନାଲି ଛିଟ କନା ଗୁଡ଼ାଇ ଏହାକୁ ଧରଣୀ ମାତା ବୋଲି ଭାବି ପବିତ୍ର ସ୍ନାନ କରାନ୍ତି। ମାସିକ ଧର୍ମ ର ନିୟମ ଅନୁସାରେ ତିନି ଦିନ ବିଶ୍ରାମ ପରେ ଧରଣୀ ମାତା ଏହି ଚତୁର୍ଥ ଦିନ ରେ ସ୍ନାନ କରନ୍ତି। ରଜରେ ପାନ ପତ୍ର ରେ ବିଭିନ୍ନ ପ୍ରକାରର ମସଲା ଦେଇ ଖିଆଯାଏ । ଖାଇବା ପରେ ସାଧାରଣ ଲୋକ ଯେପରି ପାନ ଖାଆନ୍ତି ଠିକ୍ ସେହିପରି ଆମ ଠାକୁର ଜାଗା,ବଳିଆ ଓ ମା ସୁଭଦ୍ରା ମଧ୍ୟ ଖାଇବା ପରେ ପାନ ଖାଆନ୍ତି।ଏହା ଏକ ଓଡ଼ିଶାର ସ୍ୱାଭିମାନ ।ସେ ଯାହା ହେଉ ଆମ ଦେଶରେ ବିଭିନ୍ନ ପର୍ବ ପାଳନ ଅବସରରେ ପ୍ରତି ଲୋକ ଓ ବିଭିନ୍ନ ଧର୍ମ ର ଲୋକ ମାନଙ୍କ ମଧ୍ୟରେ ଏକ ସୁନ୍ଦର୍ ଭାଇଚାରା ର ସୃଷ୍ଟି ହୁଏ । ପ୍ରତି ପର୍ବ ର ଏକ ସ୍ୱତନ୍ତ୍ର ପରିଚୟ ଅଛି। ଅନେକ ଧର୍ମ ଜାତି ନିର୍ବିଶେଷରେ ଆମ ଦେଶ ସାରା ପୃଥିବୀ ରେ ପୁରା ଅନନ୍ୟ । ପ୍ରାୟ ସମସ୍ତେ ନିଜ ଭିତରେ ଭାଇଚାରା କୁ କେବେ ବି ଭୁଲନ୍ତି ନାହିଁ ଓ ନିଜକୁ ଅନ୍ୟ ଭିତରେ ସମର୍ପଣ କରି ଜୀବନ ଅତିବାହିତ କରନ୍ତି ଏହି ହିଁ ଆମ ଦେଶର ମହାନତା ।

*ପ୍ଲଟ ନଂ ୨୫*
*ସୂର୍ଯ୍ୟ ନଗର, ଭୁବନେଶ୍ୱର*
*୯୮୬୧୦୭୫୪୦୪*

# ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ

**ପୁଷ୍ପମିତ୍ର ମହାପାତ୍ର**

କୋର୍ଟ କାର୍ଯ୍ୟ ଗୁଡ଼କ ଆଞ୍ଚଳିକ ଭାଷାରେ କାର୍ଯ୍ୟ କରିବା ନେଇ ମାନ୍ୟବର ସୁପ୍ରିମକୋର୍ଟ ଗୁରୁତ୍ୱ ପ୍ରଦାନ କଲାପରେ ଓଡ଼ିଶା ହାଇକୋର୍ଟ ଏହି ବ୍ୟବସ୍ଥାକୁ ଗ୍ରହଣ କରି ବ୍ୟବସ୍ଥିତ ଭାବେ ମାନ୍ୟବର କୋର୍ଟଙ୍କ ଅନୁବାଦ ହୋଇଥିବା ରାୟର ଓଡ଼ିଆ କପି ହିଁ କେବଳ ପକ୍ଷଭୁକ୍ତଙ୍କୁ ବୁଝିବା ପାଇଁ ପ୍ରଜୁଯ୍ୟ। କୋର୍ଟ କାର୍ଯ୍ୟ କିମ୍ବା ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ରାୟର ଇଂରାଜୀ କପି କେବଳ ବ୍ୟବହାର ହୋଇପାରିବ ବୋଲି ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଗତ ୨୦୨୩ ଫେବୃଆରୀରୁ ସ୍ୱଳ୍ପ କର୍ମଚାରୀଙ୍କ ଦ୍ୱାରା ଓଡ଼ିଆରେ କୋର୍ଟଙ୍କ ଅନୁଦିତ ରାୟ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା। ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟ ଗୁଡ଼ିକ ଓଡ଼ିଆ ଅନୁବାଦର ବ୍ୟବସ୍ଥା ହୋଇଛି। ଏଯାବତ ମାନ୍ୟବର ସୁପ୍ରିମକୋର୍ଟରେ ୧୯୫୧ ମସିହାରୁ ଓଡ଼ିଶା ସମ୍ପର୍କିତ ଅନେକ ଗୁରୁତ୍ୱ ତଥା ବିଚାରକ୍ଷେତ୍ରରେ ଏକ ଦିଗାନ୍ତ ରାୟ ରହିଥିବା ପାଖାପାଖି ୧୫୫ଟି ରାୟର ଓଡ଼ିଆ ଅନୁବାଦ କାର୍ଯ୍ୟ ହୋଇସାରିଲାଣି। ଏହା ଭିତରେ ଓଡ଼ିଶା ବନାମ ଏମଜିରୁଙ୍ଗଣ୍ଟ, ଅର୍ଜୁନଲାଧା, ଏମ.ଏ.ଟୁଲକ, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ବନାମ ଓଡ଼ିଶା, ମହମ୍ମଦ ସିରାଜଉଦ୍ଦିନ, ମହନ୍ତ ଶ୍ରୀ ଜଗନ୍ନାଥ ରାମାନୁଜ ଦାସ ବନାମ ଓଡ଼ିଶା, ଏସ.ଲାଲ, କଳିଙ୍ଗ ଟ୍ୟୁସର ଆୟକର ମାମଲା, ବୃନ୍ଦାବନ ନାୟକ ବନାମ ଭାରତୀୟ ନିର୍ବାଚନ ଆୟୋଗ, ମହାପ୍ରଭୁ ଲିଙ୍ଗରାଜ ବିଜେ ବନାମ ନିତ୍ୟାନନ୍ଦ ମିଶ୍ର, ଲୋକାୟୁକ୍ତ ବନାମ ପ୍ରଦୀପ ପାଣିଗ୍ରାହୀ, ଦୀନବନ୍ଧୁ ସାହୁ ବନାମ ଯଦୁମଣି ମଙ୍ଗରାଜ ପ୍ରଭୃତି ଅନ୍ୟତମ।

ଇତିମଧ୍ୟରେ ମାନବ୍ୟର ଓଡ଼ିଶା ହାଇକୋର୍ଟର ୮୧ଟି ରାୟ ଓଡ଼ିଆରେ ଅନୁବାଦ କାର୍ଯ୍ୟ ହୋଇସାରିଲାଣି। ସେଗୁଡ଼ିକ ମଧ୍ୟରେ ଭାରତ ସରକାର ବନାମ କଲିକତା ସ୍ପ୍ରିଙ୍ଗ ଲିମିଟେଡ, କିଡ଼ ବନାମ ଆୟକର ବିଭାଗ, କେ. ରବୀନ୍ଦ୍ରପାତ୍ର ବନାମ ଓଡ଼ିଶା (ଭିଜିଲାନ୍ସ) ପ୍ରଭୃତି ରହିଛି। ଏହା ସହ ଓଡ଼ିଶା ହାଇକୋର୍ଟର ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟର ହିନ୍ଦୀ ଅନୁବାଦ ହୋଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ପକ୍ଷରୁ କରାଯାଇ ଅଭିଲେଖାଗାରରେ ରଖାଯାଇଛି। ଏବେ ସୁଦ୍ଧା ଲଳିତା କୁମାରୀ ବନାମ ଉତ୍ତର ପ୍ରଦେଶ ସରକାର, ଅର୍ଣ୍ଣେନଶ କୁମାର ବନାମ ବିହାର ସରକାର ଭଳି ଦୁଇଟି ମାଇଲ ଖୁଣ୍ଟ ରାୟର ଓଡ଼ିଆ ଅନୁବାଦ କରି ରାଜ୍ୟ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନସେବା ପ୍ରାଧିକରଣକୁ ପଠାଯାଇଛି। ଏହି ଅନୁବାଦ କାର୍ଯ୍ୟ ଦ୍ୱାରା ଆଗକୁ ଜନସଚେତନତା ବୃଦ୍ଧି କରାଯିବା ସହ ଲୋକମାନେ ଏ କାର୍ଯ୍ୟକ୍ରମରେ କିପରି ନିଜକୁ ଯୋଡ଼ିପାରିବେ ସେ ଦିଗରେ କାର୍ଯ୍ୟକରାଯାଉଛି। ତେବେ ସବୁଠାରୁ ବଡ଼ ଖୁସିର କଥା ବର୍ତ୍ତମାନ ନୂଆ ଓଡ଼ିଆ ଆଇନ ଶବ୍ଦ କୋଷ ବା ଡିକ୍ସନାରୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଏହାର ଏକ ବଡ଼ କଳେବର ସହିତ ବିଶାଳ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଛି। ଏଠାରେ ଉଲ୍ଲେଖ କରାଯାଇପାରେ କି ମାନ୍ୟବର ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ପାଇଁ ଡକ୍ଟର ଜଷ୍ଟିସ ସଞ୍ଜିବ କୁମାର ପାଣିଗ୍ରାହୀ ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ୨୦୨୩ ଜୁଲାଇ ୨୬ ତାରିଖରେ ନିଜର ରାୟ ପ୍ରକାଶ କରିଥିଲେ ତାହା ଜାତୀୟ ସ୍ତରରେ ବେଶ ଚର୍ଚ୍ଚା ଆରମ୍ଭ କରିବା ସହ ଆଞ୍ଚଳିକ ଭାଷା ନ୍ୟାୟାଳୟ ପାଇଁ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ଆଲୋଚନାର ପ୍ରସଙ୍ଗ ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ମୋଟ ୪୦୫୮ଟି ଅଧିନିୟମ ଖାରଦ ବା ରଦ୍ଦ ହୋଇଯାଇଛି। ସେଥିମଧ୍ୟରୁ କେବଳ ଓଡ଼ିଶାର ୫ଟି ଅଧିନିୟମ ରହିଛି। ସେଗୁଡ଼ିକ ହେଲା ଦି ଟ୍ରିବ୍ୟୁଟାରୀ ମହଲାସ୍ ଅଫ୍ ଓଡ଼ିଶା ଆକ୍ଟ-୧୮୯୩, ଦି ବେଙ୍ଗଲ ବିହାର ଆଣ୍ଡ ଓଡ଼ିଶା ଆଣ୍ଡ ଆସାମ ଲ ଆକ୍ଟ-୧୯୧୨, ଦି ଓଡ଼ିଶା ଷ୍ଟେଟ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୬୧, ଦି ଓଡ଼ିଶା ଲେଜିସଲେଚର ଆସେଂବ୍ଲି (ଏଗଜିକ୍ୟୁସନ ଅଫ ଡ୍ୟୁରେସନ) ଆକ୍ଟ-୧୯୬୬ ଏବଂ ଦି ଓଡ଼ିଶା ଷ୍ଟେଟ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୭୩। ଏହାପରେ ବର୍ତ୍ତମାନ ଓଡ଼ିଶାରେ ୨୮୩ଟି ଅଧିନିୟମ, ୩୬ଟି ବିଜ୍ଞପ୍ତି, ୨୧ଟି ନିୟମ, ୨ଟି ଆଦେଶନାମା ରହିଛି। ତେବେ ଏ ସମସ୍ତ ଅଧିନିୟମକୁ ପର୍ଯ୍ୟାୟ କ୍ରମେ ଓଡ଼ିଆ ଅନୁବାଦ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି।

ବର୍ତ୍ତମାନ ସୁଦ୍ଧା ୧୧ଟି ଅଧିନିୟମ ସମ୍ପୂର୍ଣ୍ଣ ଭାବେ ଅନୁଦୂିତ ହୋଇ ସର୍ବସାଧାରଣଙ୍କ ପାଇଁ ଇଣ୍ଡିଆ କୋଡ଼ ୱେବସାଇଟରେ ଉପଲବ୍ଧ ଅଛି ବୋଲି ରାଜ୍ୟ ଆଇନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଗୁଡ଼ିକ ହେଲା ଗଞ୍ଜାମ ଓ ବୌଦ୍ଧ ଗ୍ରାମପଦ ଉଚ୍ଛେଦ ଅଧିନିୟମ-୧୯୬୯, ଗଞ୍ଜାମ କ୍ଷୁଦ୍ରଧାରକ ଅନୁତୋଷ ଅଧିନିୟମ-୧୯୪୭, ଓଡ଼ିଶା ମୌଳିକ ଶିକ୍ଷା ଆଇନ-୧୯୫୧, ଓଡ଼ିଶା କନିନିକା ରୋପଣ ଅଧିନିୟମ-୧୯୬୦, ଓଡ଼ିଶା ବଂଶାନୁଗତ ଗ୍ରାମପଦ (ଉତ୍ସାଦକ) ଅଧିନିୟମ-୧୯୬୨, ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉତ୍ସାଦକ) ଅଧିନିୟମ-୧୯୬୩, ଓଡ଼ିଶା ଅବ୍ୟପାରିକ କମ୍ପାନୀ ଅଧିନିୟମ ୧୯୫୯, ଓଡ଼ିଶା ରାଜସ୍ୱ ପ୍ରଶାସନ ୟୁନିଟ ଅଧିନିୟମ-୧୯୬୩, ଓଡ଼ଇଶା ବ୍ରିକିକର ବୈଧୀକରଣ ଅଧିନିୟମ-୧୯୬୧, ଓଡ଼ିଶା ସମ୍ପତ୍ତି ଗ୍ରାମ ଶାସନ ଠାରେ ନିଧାନ ଅଧିନିୟମ-୧୯୬୪, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧିନିୟମ ୧୯୫୨ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭିନ୍ନ ରାୟ ଓଡ଼ିଆରେ ଅନୁବାଦ ହେବା ଦ୍ୱାରା ଜଣେ ସାଧାରଣ ଲୋକଟି ମଧ୍ୟ ବିଚାର ବ୍ୟବସ୍ଥା ସହ ଯୋଡ଼ି ହୋଇପାରିବ। ବର୍ଷ ବର୍ଷ ଧରି ସେମାନେ ବୁଝିପାରୁନଥିବା ଆଇନ କ୍ଷେତ୍ରର ଅନେକ ଜଟିଳ ପ୍ରସଙ୍ଗକୁ ନିଜେ ବୁଝିପାରିବା ସହ ତାଙ୍କ ଓକିଲା ମହାଶୟଙ୍କ ସହ ବେଶ ଭଲ ଭାବେ ଏ ନେଇ ତାଙ୍କ ମତ ରଖିପାରିବେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କର ବିଶେଷକରି ନିଜ ଆଇନଗତ ମାମଲାରେ ସବୁ ପ୍ରସଙ୍ଗକୁ ବୁଝିବା ଆଉ ଜାଣିବାର ମଧ୍ୟ ଅଧିକାର ଅଛି। ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ ସହ ଓଡ଼ିଆ ଅନୁବାଦ ନିଶ୍ଚିନ୍ତ ଭାବରେ ଯୁଗପଯୋଗୀ ଐତିହାସିକ ଓ ପ୍ରଶଂସନୀୟ। ନିକଟରେ ଓଡ଼ିଶାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇ କୋଟି କୋଟି ଓଡ଼ିଆଙ୍କ ମାତୃଭାଷା ପ୍ରତି ଆବେକ ଓ ଭଲପାଇବାକୁ ବଢ଼ାଇବାରେ ସହାୟକ ହୋଇଥିବାବେଳେ ଓଡ଼ିଆ ଅନୁବାଦ ଓ ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟଟି ନିଶ୍ଚିନ୍ତ ଭାବରେ ପ୍ରତିଟି ଓଡ଼ିଆଙ୍କ ଗୌରବର ଟେକକୁ ବଢ଼ାଇ ପାରିଛି ଓ ବିଚାରାଳୟ ଯେ ସମସ୍ତଙ୍କର ଆଉ ସମସ୍ତଙ୍କର ଆଶା ଭରଷାର କେନ୍ଦ୍ର ଏହା ବି ପ୍ରମାଣିତ ହୋଇପାରିଛି।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

# ‘ଟମ୍ କକାଙ୍କ କୁଟିର’ର ସ୍ରଷ୍ଟା : ହାରିଏଟ୍



ବାଦଲ ଭୂୟାଁ

ଖଣ୍ଡିଏ ବାସ୍ତବଧର୍ମୀ କାଳ୍ପନିକ ଉପନ୍ୟାସକୁ ନେଇ ୧୨ ଏପ୍ରିଲ ୧୮୬୧ରେ ଆରମ୍ଭ ହୋଇଥିଲା ଆମେରିକାନ୍ ସିଭିଲ ୱାର ବା ମାର୍କିନ ଗୃହ ଯୁଦ୍ଧ । ନିଗ୍ରୋ କ୍ରୀତଦାସଙ୍କ ସ୍ୱାଧୀନତା ପ୍ରସଙ୍ଗରେ ଆମେରିକାନ୍‌ମାନେ ଦୁଇ ଭାଗରେ ବିଭକ୍ତ ହୋଇ ସେହି ଭୟଙ୍କର ଯୁଦ୍ଧ ଲଢ଼ିଥିଲେ । ଚାରିଆଡ଼େ ତୀବ୍ର ଘୃଣାର ବାତାବରଣ ଛାଇଯାଇଥିଲା । ମାର୍କିନ ହାତରେ ମରିଥିଲା ମାର୍କିନ୍ । ଆମେରିକା ବସ୍ତୁତଃ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା – ‘ଉତ୍ତର’ ବା ‘ୟୁନିଅନିଷ୍ଟ’ ଏବଂ ‘ଦକ୍ଷିଣ ବା କନ୍‌ଫେଡେରେସନିଷ୍ଟ’ । ଗୃହ ଯୁଦ୍ଧ ଚାଲିଥିଲା ଚାରି ବର୍ଷ ତିନି ସପ୍ତାହ ଛଅ ଦିନ; ଶେଷ ଗୋଳା ଫୁଟିଥିଲା ୨୨ ଜୁନ୍ ୧୮୬୫ରେ ଯଦିଓ ଯୁଦ୍ଧ ଶେଷ ହେଲା ବୋଲି ଘୋଷିତ ହୋଇଥିଲା ୧୦ ମେ ୧୮୬୫ରେ । ଗୃହ ଯୁଦ୍ଧର ଫଳାଫଳ ସ୍ୱରୂପ ନିଗ୍ରୋମାନେ ସ୍ୱାଧୀନ ଭାବେ ବଞ୍ଚିବାର ଅଧିକାର ପାଇଥିଲେ ଏବଂ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ଜୀବନ ଯାଇଥିଲା ୧୫ ଏପ୍ରିଲ ୧୮୬୫ରେ । ସେ ନିହତ ହୋଇଥିଲେ ନିଗ୍ରୋ ବିରୋଧୀ ଆତତାୟୀର ଗୁଳି ମାଡ଼ରେ । ଗୃହ ଯୁଦ୍ଧ ଆରମ୍ଭ କରାଇଥିବା ଉପନ୍ୟାସର ନାମ ‘ଅଙ୍କଲ୍ ଟମ୍‌ସ କେବିନ୍’ ଓଡ଼ିଆରେ ଟମ୍ କକାଙ୍କ କୁଟିର । ଲେଖିକା ହାରଏଟ୍ ଏଲିଜାବେଥ୍ ବିଚର ଷ୍ଟୋଷ୍ଟ ଯୁଦ୍ଧ ଚାଲିଥିବା ବେଳେ ଦିନେ ଲିଙ୍କନ୍‌ଙ୍କ ସହ ହାରିଏଟ୍‌ଙ୍କର ସାକ୍ଷାତ ହୋଇଥିଲା । ତାଙ୍କୁ ଦେଖୁ ଦେଖୁ ଲିଙ୍କନ୍ ସେ ଦିନ କହିଥିଲେ ଆଛା ଆଛା ତାହା ହେଲେ ତୁମେ ସେହି ଛୋଟିଆ ମହିଳା, ଯାହାଙ୍କ ପାଇଁ ଏତେ ବଡ଼ ଯୁଦ୍ଧ । ହାରିଏଟ୍‌ଙ୍କ ସଂପର୍କରେ ଆଉ ଜଣେ ଲେଖିଥିଲେ, ସଇତାନ ସମୟର ରାଜୁତି ବେଳେ ହାରିଏଟ୍ ଏକ ଜାତୀୟ କଳଙ୍କକୁ ଲୋକଲୋଚନକୁ ଆଣିଥିଲେ । ତାଙ୍କ ଶକ୍ତି ଥିଲା ପୁରୁଷ ଠାରୁ ଅଧିକ କଲମ ବଳରେ ସେ ତରବାରିକୁ ସାବାଡ଼ କରିଥିଲେ । ହାରିଏଟ୍ ଚାଳିଶ ବର୍ଷ ବୟସରେ ଟମ୍ କକାଙ୍କ କୁଟିର ଲେଖିବା ଆରମ୍ଭ କରିଥିଲେ । ଜୁନ୍ ୧୮୫୧ରେ ନେସ୍‌ନାଲ ଏରା ଖବରକାଗଜରେ ଧାରାବାହିକ ଭାବେ ପ୍ରକାଶନ ଆରମ୍ଭ ହୋଇଥିଲା । ଉପନ୍ୟାସର ମୂଳ ନାମ ‘ଦ ମ୍ୟାନ ଦାଗ୍ ୱାଜ ଏ ଥିଙ୍ଗ୍’ । ପରେ ନାମ ବଦଳିଥିଲା ‘ଲାଇଫ୍ ଏମଙ୍ଗ ଦ ଲୋଲି’। ୧୮୫୨ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା ଏବଂ ନାମ ରଖାଯାଇଥିଲା ଅଙ୍କଲ ଟମ୍‌ସ କେବିନ୍ । ଦୁଇ ଦିନରେ ପାଞ୍ଚ ହଜାର ଖଣ୍ଡ ବିକ୍ରି ହୋଇଯାଇଥିଲା । ତିନି ସପ୍ତାହରେ ବ୍ରିକି ହୋଇଥିଲା ପଚିଶ ହଜାର । କେବଳ ଆମେରିକାରେ ଅଦ୍ୟାବଧି ତିରିଶ ଲକ୍ଷ ଅଙ୍କଲ ଟମ୍‌ସ କେବିନ ବିକ୍ରି ହୋଇଥିବା ଜଣାଯାଏ । କନେକ୍‌ଟକଟ୍‌ର ଲିଚ୍‌ଫିଲ୍‌ଡରେ ଏକ ଧାର୍ମିକ ପରିବାରରେ ୧୮୧୧ ଜୁନ୍ ୧୪ ତାରିଖରେ ହାରିଏଟ୍ ଜନ୍ମ ହୋଇଥିଲେ । ତାଙ୍କ ପିତା ଥିଲେ ଜଣେ ଧର୍ମଯାଜକ । ହାରିଏଟ୍ ବିବାହ କରିଥିଲେ ଜଣେ ଧର୍ମଶାସ୍ତ୍ରଜ୍ଞଙ୍କୁ । ଶୈଶବରେ ନିଗ୍ରୋଙ୍କୁ ଦିଆଯାଉଥିବା ନିର୍ଯାତନା ସ୍ୱଚକ୍ଷୁରେ ଦେଖି ଉପନ୍ୟାସ ଲେଖିବା ପାଇଁ ସେ ଅନୁପ୍ରାଣିତ ହୋଇଥିଲେ । ଏକଦା ଅଙ୍କଲ୍ ଟମ୍‌ସ କେବିନ୍ ପ୍ରସଙ୍ଗରେ ସେ କହିଥିଲେ, ଉପନ୍ୟାସଟି ମୋର ନୁହେଁ ଭଗବାନ ଡାକିଛନ୍ତି ମୁଁ କେବଳ ଲେଖିଛି ।

*ପ୍ରତିଷ୍ଠାତା, ସମ୍ପାଦକ ‘ସିଂହଭୂମ୍’,*
*ପୁରୁଣା ସୋନାରି, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ରଜ ପର୍ବର ମହକ



*ନିରୂପମା ଭୂୟାଁ*

ଆଷାଢ଼ ମାସରେ ରଜ ପର୍ବ ପଡ଼ିଥାଏ । ମିଥୁନ ସଂକ୍ରାନ୍ତି ଦିନ । ଏହାକୁ କୁହାଯାଏ ରଜ ସଂକ୍ରାନ୍ତି । କିନ୍ତୁ ମିଥୁନ ସଂକ୍ରାନ୍ତିର ପୂର୍ବ ଦିନରୁ ରଜର ମଉଜ ଆରମ୍ଭ ହୁଏ । ପୁଣି ଏହି ସଂକ୍ରାନ୍ତିର ପରଦିନ ସରେ । ଏମିତି ରଜ ପର୍ବ ତିନି ଦିନ ପାଳିତ ହୁଏ । ପୁରାଣ ଅନୁସାରେ ଆକାଶ ବିଷ୍ଣୁ ଓ ପୃଥିବୀ ଭୂଦେବୀ । ରଜ ସଂକ୍ରାନ୍ତିଟି ଭୂଦେବୀ, ବସୁମାତା ବା ପୃଥିବୀ ମାତାଙ୍କର ଋତୁମତୀ ହେବା ସମୟ । ଓଡ଼ିଶାରେ ଝିଅମାନେ ବଡ଼ ଆନନ୍ଦ ଉତ୍ସାହରେ ତିନିଦିନ ଧରି ଏହା ପାଳନ କରନ୍ତି । ଘରର ଝିଅ ବୋହୂମାନେ ରଜ ଆଗରୁ ସବୁ କାମ ତୁଟାଇଥାନ୍ତି । କାରଣ ରଜ ତିନି ଦିନ ଯାକ ଛେଚା, ବଟା, ପରିବା କଟା, ରୋଷେଇ ଆଦି କରିବା ମନା । ଆଗରୁ ରଜ ଭୁଜା, ରଜ ପିଠା ଓ ଅନ୍ୟ ଶୁଖିଲା ଖାଇବା ଜିନିଷ ତିଆରି କରି ରଖାଯାଇଥାଏ । କେତେକ ଜାଗାରେ ଏଥିପାଇଁ ପୋଡ଼ପିଠା ହୁଏ । ମିଥୁନ ବା ରଜ ସଂକ୍ରାନ୍ତିର ପୂର୍ବ ଦିନଟି ରଜର ପ୍ରଥମ ଦିନ । ଏହି ଦିନଟିକୁ କୁହାଯାଏ ପହିଲି ରଜ । କୁମାରୀ ଝିଅମାନେ ପୃଥିବୀମାତା ବା ବସୁମାତାଙ୍କର ଗେହ୍ଲା ଝିଅ ତେଣୁ ଏହି ସମୟରେ ସେମାନଙ୍କୁ ଭାରି ସ୍ନେହ ଆଦର କରାଯାଏ । ସେମାନେ ସୁବେଶ ହୁଅନ୍ତି । ରଜ ସଂକ୍ରାନ୍ତି ପରଦିନଟି ପର୍ବର ତୃତୀୟ ଦିନ, ସେଇ ଦିନଟିକୁ ଭୂମି ଦହନ କୁହାଯାଏ । ବସୁମାତା ସେଦିନ କଷ୍ଟ ପାଉଥାନ୍ତି ବୋଲି ମନେକରାଯାଏ । ପରଦିନଟିରେ ବସୁମାତା ଗାଧୁଆ ବା ଧରାସ୍ନାନ ପାଳନ ହୁଏ । ରଜ ପର୍ବରେ ଗାଁ ମାନଙ୍କରେ ହଳ ପୂରା ନିଷେଧ, ତେଣୁ ଅବସର ସମୟ । ସେଇଥିପାଇଁ ସାନବଡ଼ ସମସ୍ତେ ଏହାର ଆନନ୍ଦ ଉପଭୋଗ କରନ୍ତି । ଗ୍ରୀଷ୍ମ ଓ ବର୍ଷା ଋତୁ ମଝିରେ ପଡ଼େ ରଜ ପର୍ବ । ଏହି ପର୍ବଟି ସତେ ଯେମିତି କହିଦିଏ ବର୍ଷା ଋତୁ ଆସିଗଲା, ତା’କୁ ସ୍ୱାଗତ କର ।

*କେନ୍ଦ୍ରାପଡ଼ା ଜିଲ୍ଲା, ପଳାଇ*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୂରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡ଼ିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି । ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ । ତେଣୁ ସେ ଥିଲେ କ୍ରାନ୍ତିକାରୀ । ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ । ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା । ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ । ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ । ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ । ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା ।

ସ୍ୱାଧୀନତା ପରେ ମଧ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ । ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ । ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା । ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ । ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର ।

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରାଜଗାଙ୍ଗପୁରରେ ମଧ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com









ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ ଲୋଡା

କେନ୍ଦ୍ରାପଡ଼ା, (ପି.ଏନ): ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ କେନ୍ଦ୍ରାପଡ଼ା ବହୁ ପ୍ରାକୃତିକ ବିପର୍ଯ୍ୟୟକୁ ବାରମ୍ବାର ସାମନା କରିଆସିଛି। ତେଣୁ ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ମରୁଡ଼ିକୁ ଦୃଷ୍ଟିରେ ରଖି ତାହାର ସଫଳ ମୁକାବିଲା ନିମନ୍ତେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବନିର୍ବାଚିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, ସମସ୍ତ ବ୍ଲକ୍ ଓ ପଟ୍ଟାମୁଣ୍ଡାଇ ମୁନିସିପାଲିଟିର ଅଧକ୍ଷ, ଜନ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପଲ୍ଲବୀ ପାତ୍ର, ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ଡିପାର୍ଟମେଂଟ୍‌ର ଅଧିକାରୀ, ଅଗ୍ନିଶମ ବିଭାଗ, ଭାଗୀଦାର ନୋଡାଲ ଏନ୍‌ଜିଓର କର୍ମକ ର୍ । ପ୍ରମୁଖ ଉପସ୍ଥିତ ଥିଲେ। ନବନିର୍ବାଚିତ ବିଧାୟକମାନେ କହିଥିଲେ, "ଆମେ ଭିନ୍ନ ଭିନ୍ନ ଦଳରେ ରାଜନୀତି କରୁଛୁ ସତ, କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମେ ସମସ୍ତେ ଏକ। ଆମେ ସଂଘବଦ୍ଧଭାବେ ଜିଲ୍ଲା ପ୍ରଶାସନ ସହ ହାତରେ ହାତ ମିଶାଇ ବିପର୍ଯ୍ୟୟର ମୁକାବିଲା କରିବୁ।" ଜିଲ୍ଲାପାଳ ଶ୍ରୀ ବିକାଶ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ କହିଥିଲେ, "ପ୍ରାକୃତିକ ବିପର୍ଯ୍ୟୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନାହିଁ। ବରଂ ସଫଳତାର ସହ ମୁକାବିଲା ପାଇଁ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ଏପରି ଶାଣିତ କର ଯେପରି ବିପର୍ଯ୍ୟୟ ବେଳେ ସର୍ବନିମ୍ନ ସମୟ ମଧ୍ୟରେ ସର୍ବାଧିକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ କରିହେବ। ରାଜ୍ୟ ସରକାରଙ୍କ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟକୁ ହାସଲ କରିବା ପାଇଁ ସମସ୍ତଙ୍କ ସହଯୋଗ ପାଇଁ ବୈଠକରେ ଆହ୍ୱାନ ଜଣାଇଥିଲେ ଜିଲ୍ଲାପାଳ।" ସୂଚନାଯୋଗ୍ୟ, ଜିଲ୍ଲାରେ ୧୨୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରହିଛି । ମୋଟ୍ ୫୧ଟି ପାୱାର୍ ବୋଟ୍ ଥିବା ବେଳେ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି ଜିଲ୍ଲା ପ୍ରଶାସନ। ରିଲି୍ଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାର ସମସ୍ତ ବ୍ଲକ୍ ମୁଖ୍ୟାଳୟ ଓ ଦୁଇଟି ମୁନିସିପାଲିଟିକୁ ମିଶାଇ ମୋଟ୍ ୧୧ଟି ଜୋନ୍ ଗଠନ କରାଯାଇଛି। ଏହି ୧୧ଟି ଜୋନ୍ ଅଧିନରେ ରହିଛି ମୋଟ୍ ୧୬୩ଟି ଉପଜୋନ୍। ୫୮୦୩ ପ୍ୟାକେଟ୍ ଏବଂ ୪୭୩ ଖଣ୍ଡ ପଲିଥିନ୍ ରୋଲ୍ ମହଜୁଦ୍ ରହିଛି। ଆବଶ୍ୟକତା ଅନୁସାରେ ଜେନେରେଟର୍, ଆସ୍କାଲାଇଟ୍, ଗଛକଟା ମେସିନ୍ ଆଦି ରଖାଯାଇଛି। ଗୃହପାଳିତ ପଶୁଙ୍କ ପାଇଁ ଟୀକାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ଆବଶ୍ୟକ ପରିମାଣର ଚୁଡ଼ା ମହଜୁଦ ରଖିବାକୁ ଜିଲ୍ଲା ବେସାମରିକ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଶୁଦ୍ଧ ପାନୀୟଜଳ ପାଇଁ ଆବଶ୍ୟକ ପରିମାଣର କ୍ଲୋରିନ୍ ବଟିକା ବା ଟାଙ୍କି ଥିବା ସ୍ଥାନରେ କ୍ଲୋରିନ୍‌ଯୁକ୍ତ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ମରାମତି, ଜଳନିଷ୍କାସନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଆସନ୍ତା ଜୁନ୍ ୧୮ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜନ ହେବାକୁ ଚୂଡ଼ାନ୍ତ ହୋଇଥିବା ବେଳେ ଜୁନ୍ ୧୯ ତାରିଖରେ ସମସ୍ତ ବ୍ଲକ୍ ମୁଖ୍ୟାଳୟ ଏବଂ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍ କରାଯିବ। ଶେଷରେ ଉପଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର



ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଅ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲ୍ୟୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱୀନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟେ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday June 14, 2024 ଭୁବନେଶ୍ୱର ଶୁକ୍ରବାର, ଜୁନ ୧୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ମେଟ୍ରୋନ୍ ମହାସଂଘ



ଭୁବନେଶ୍ୱର,(ପି.ଏନ): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ମେଟ୍ରୋନ୍ ମହାସଂଘ ପକ୍ଷରୁ ଆଜି ୨ ଘଟିକା ସମୟରେ ରାଜ୍ୟ ଅତିଥି ଭବନ ଠାରେ ମହାସଂଘର ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ପ୍ରତିନିଧି ଦଳରେ ମହାସଂଘର ରାଜ୍ୟ ସଭାନେତ୍ରୀ ମମତା ସାହୁ, ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାତି ପାତ୍ର ଏବଂ ସମ୍ପାଦିକା ବୀଣାପାଣି ବିଶ୍ୱାଳ, ସସ୍ମିତା ନାୟକ, ଅନୁପମା ବେହେରା, ମଞ୍ଜୁଜିନୁଫା ଖାଲ୍‌କୋ, ମଞ୍ଜୁଲତା ପ୍ରଧାନ, ଅନ୍ନପୂର୍ଣ୍ଣା ପରିଚ୍ଛା, ସୁଷମା ନାୟକ, ଆରତୀ ପାତ୍ର, ତଅପୋଇ ଦାସ, ପ୍ରତିମା ମଲ୍ଲିକ, ରଞ୍ଜିତା ବେହେରା, ରୀତାରାଣୀ ସୂତାର, ପ୍ରୀତିମୟୀ ଚକ୍ର, ପ୍ରେମଲତା ମହନ୍ତ, ଫୁଲମଣି ମହନ୍ତ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

## କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଓ ଶାନ୍ତନୁ ଠାକୁରଙ୍କ ବନ୍ଦର, ପରିବହନ ଏବଂ ଜଳପଥ ମାର୍ଗ ମନ୍ତ୍ରଣାଳୟ ର ଦାୟିତ୍ୱ ଗ୍ରହଣ



ପାରାଦୀପ,(ପି.ଏନ): କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଶାନ୍ତନୁ ଠାକୁର ଜୁନ ୧୦ ତାରିଖ ଦିନ କେନ୍ଦ୍ର ବନ୍ଦର, ପରିବହନ ଏବଂ ଜଳପଥ ମାର୍ଗ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ଏହି ଅବସରରେ ଶ୍ରୀ ସୋନୋୱାଲ କହିଥିଲେ ଯେ ବିକଶିତ ଭାରତ ଗଠନ ପାଇଁ ପ୍ରତିବଦ୍ଧତା ନିଶ୍ଚିତ ହେବା ଆବଶ୍ୟକ ଏବଂ ଏହି ଉଦ୍ଦେଶ୍ୟରେ ସେମାନେ ତାଙ୍କ ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ସଂକଳ୍ପବଦ୍ଧ । ଏହି ଅବସରରେ ଶ୍ରୀ ସୋନୋୱାଲ କହିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ନେତୃତ୍ୱରେ ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ସାମୁଦ୍ରିକ କ୍ଷେତ୍ରକୁ ସଶକ୍ତିକରଣ ଦିଗରେ ଏକ ଅଭୁତପୂର୍ବ କାର୍ଯ୍ୟ କରୁଛି ଏବଂ ଆମର ଆର୍ଥିକ ବିକାଶ ପାଇଁ ଆମର ସାମଗ୍ରିକ ଉଦ୍ୟମ ଯୋଗୁଁ ଦେଶର ସାମଗ୍ରିକ ବିକାଶ ହୋଇଛି । ଆମ ମନ୍ତ୍ରଣାଳୟ ସାମୁଦ୍ରିକ କ୍ଷେତ୍ରର ବିକାଶ ଦିଗରେ ସଶକ୍ତିକରଣ ଦିଗରେ କାର୍ଯ୍ୟ ଜାରି ରଖିବ ଯେପରି ଅମୃତ କାଳ ଭିଜନ, ୨୦୪୭ ରେ ଦର୍ଶାଯାଇଛି ବୋଲି ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ରୁ ସୂଚନା ମିଳିଛି ।

## ନିଟ ୟୁଜି-୨୦୨୪ର ପୁନଃ ପରୀକ୍ଷା ପାଇଁ ପ୍ରଦେଶ ଛାତ୍ର କଂଗ୍ରେସର ଦାବି




ଭୁବନେଶ୍ୱର ,(ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ଆଜି ମାଷ୍ଟରକ୍ୟାଂଟିନ ଛକରେ ନିଟ ୟୁଜି-୨୦୨୪ ପରୀକ୍ଷାରେ ଜାଲିଆତି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କୁଶପୁତଳିକା ମଧ ଦାହ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଥମେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛଁନ୍ତି ଯେ ଏନଟିଏ ଦେଶର ମେଧାବୀ ଛାତ୍ରଛାତ୍ରୀଙ୍କ ସହ ଖେଳଖେଳୁଥିଲା ବେଳେ ମୋଦୀ ସରକାରଙ୍କ ନିରବତା ଦୁର୍ଭାଗ୍ୟଜନକ । ମାନ୍ୟବର ସୁପ୍ରିମକୋର୍ଟ ପରୀକ୍ଷା ପରିଚାଳନାରେ ତ୍ରୁଟି ଏବଂ ସାଧୁତା ଅବଲମ୍ବନ କରାଯାଇ ନାହିଁ ବୋଲି କହିସାରିଲେଣି । ଅପରପକ୍ଷରେ ପ୍ରଶ୍ନପତ୍ର ପ୍ରଘଟ ବାରମ୍ବାର ଘଟୁଥିବା ବେଳେ ମୋଦୀ ସରକାର ନିଦକ ରହୁଛଁନ୍ତି । ଜନନାୟକ ରାହୁଲ ଗାନ୍ଧୀ କଂଗ୍ରେସର ଇସ୍ତାହାରରେ ପ୍ରଶ୍ନପତ୍ର ପ୍ରଘଟ କିପରି ନହେବ ସେଥିନେଇ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସୁତରାଂ ମୋଦୀ ସରକାର ଅମଳରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟକୁ ଛାତ୍ର କଂଗ୍ରେସ ଦୃଢ଼ ବିରୋଧ କରିବ ।ନିଟ ସ୍କାମ ଏ ରାଷ୍ଟ୍ରର ଛାତ୍ର ସମାଜ ପାଇଁ ଏକ ସାଂଘାତିକ ବିଶ୍ୱାସଘାତକତା । ପ୍ରାୟ ୧୫ ଶହ ପରୀକ୍ଷାର୍ଥିଙ୍କୁ ପ୍ରାୟ ୭୦ରୁ ୮୦ ନମ୍ବର ଗ୍ରେସ ନମ୍ବର ଭାବରେ ଦିଆଯାଇଛି । ଏ ସଂପୂର୍ଣ୍ଣ ଦୁର୍ନୀତିରେ ଏନଟିଏ ସଂପୃକ୍ତ । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରକୁ ବାହାରେ ପ୍ରଘଟ କରିବାର ପ୍ରମାଣ ରହିଛି । ଏହା ଦ୍ୱାରା ୨୪ଲକ୍ଷ ପରୀକ୍ଷାର୍ଥୀଙ୍କର ଭବିଷ୍ୟତ ସହ ଖେଳାଯାଇଛି । ଜୁନମାସ ୧୪ ତାରିଖରେ ଫଳାଫଳ ବାହାରିବା କଥା ମାତ୍ର ଯେଉଁଦିନ ସାଧାରଣ ନିର୍ବାଚନ ଅର୍ଥାତ ୧୦ ଦିନ ପୂର୍ବରୁ ନିଟ ପରୀକ୍ଷାର ଫଳାଫଳ ପ୍ରକାଶ କରାଗଲା । ଏହା ମଧ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । କିପରି ସମସ୍ତଙ୍କ ଦୃଷ୍ଟିରୁ ଏହି ଫଳାଫଳ ଏଡ଼େଇଯିବ ସେଥିପାଇଁ ଏହି ଷଡ଼ଯନ୍ତ୍ର କରାଯାଇଛି । ୬୭ ଜଣ ଛାତ୍ରଙ୍କୁ ପୂର୍ଣ୍ଣସଂଖ୍ୟା ୭୨୦ ନମ୍ବର ଦିଆଯାଇଛି । ନିଟ ପରୀକ୍ଷାର ମୂଲ୍ୟାୟନ ଯେଉଁ ପ୍ରକ୍ରିୟାରେ ହୁଏ ସେହି ପ୍ରକ୍ରିୟାରେ ଜଣେ ପରୀକ୍ଷାର୍ଥି ୭୧୮ କିମ୍ବା ୭୧୯ ନମ୍ବର ପାଇପାରିବ ନାହିଁ । ତେଣୁ କିଭଳି ଭାବେ ପରୀକ୍ଷାର୍ଥୀଙ୍କୁ ୭୧୮ ଓ ୭୧୯ ନମ୍ବର ଦିଆଯାଇଛି । ଗୋଟିଏ ପରୀକ୍ଷା କେନ୍ଦ୍ରରେ ଅଧିକାଂଶ ପରୀକ୍ଷାର୍ଥି ଟପର ଲିଷ୍ଟରେ ରହିଛଁନ୍ତି । କେତେକ କେନ୍ଦ୍ରରେ ପରୀକ୍ଷାର୍ଥିଙ୍କୁ ଭୁଲ ପ୍ରଶ୍ନ ବଂଟନ କରାଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ଏହି ଘଟଣାରେ ବିଚାରବିଭାଗୀୟ ତଦ' ଦାବି କରିବା ସହ ନିଟ ୟୁଜି-୨୦୨୪ ପୁନଃ ପରୀକ୍ଷା କରିବାକୁ ଦାବି କରୁଛି । ଏଥିରେ ସଂପୃକ୍ତ ଦୋଷୀଙ୍କୁ ଦୃଷ୍ଟା'ମୂଳକ ଦଣ୍ଡ ଦେବା ସହ କିଭଳି ଘଟଣାର ପୁନରାବୃତି ନହେବ ସେଥିପାଇଁ ସଚେତନ ରହିବାକୁ ମଧ ଦାବି କରିଛି । ଏହି କାର୍ଯ୍ୟକ୍ରମରେ ନିହାର ବେହେରା, ଗଣେଶ ଦାସ, ବିଶ୍ୱଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଶ୍ରୀ ମହାଁ, ସନ୍ଦୀପ ରାଉତରାୟ, ସୁରଜ ରାଉତ, ସୁନିଲ ସାହୁ ଗାନ୍ଧୀ, ସ୍ୱନ୍ଦନ ସ୍ୱାଇଁ, ଫଇଜଲ ଖାନ, ରାଜେଶ ଦାସ, ଆରିୟାନ ସାସମଲ, ସେକ ରେହମତ ଅଲ୍ଲୀ, ସୌମ୍ୟଦ୍ୱିପ ଦେ, ମହମ୍ମଦ ଜାକିର ଖାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## କଳିଙ୍ଗ ପରିବେଶ, ଉର୍ଜା ଓ ସାମାଜିକ ଦାୟିତ୍ୱବୋଧ ଉତ୍କର୍ଷ ପୁରସ୍କାର ବିତରଣ ଉତ୍ସବ







ଭୁବନେଶ୍ୱର,(ପି.ଏନ): ଲେସିଥୋ ଦେଶର ହାଇକମିସନର ମହାମାନ୍ୟ ଶ୍ରୀମତୀ ଲେବୋହାଙ୍ଗ ଭେଲେନ୍‌ଟାଇନ ମୋଚାବା ଏବଂ କଲିକତାସ୍ଥିତ ଲୋକ ଗଣତନ୍ତ୍ର ବଙ୍ଗଳାଦେଶର ଡେପୁଟି ହାଇ କମିସନର ମହାମାନ୍ୟ ଅଣ୍ଡାଲିବ ଏଲିଆସ୍ ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜ ହାଇଦ୍ରାବାଦର ନିର୍ଦ୍ଦେଶକ ପ୍ରଫେସର ଏସ ଶ୍ରୀନିବାସ ମୂର୍ତ୍ତି ପ୍ରମୁଖ ଶିକ୍ଷାନୁଷ୍ଠାନ, ଖଣିଜ ସଂସ୍ଥାମାନଙ୍କ ବିଜେତାମାନଙ୍କୁ ୬୧ଟି ମର୍ଯ୍ୟାଦାପୂର୍ଣ୍ଣ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର, କଳିଙ୍ଗ ଉର୍ଜା ଉତ୍କର୍ଷ ପୁରସ୍କାର ଓ କଳିଙ୍ଗ ସାମାଜିକ ଦାୟିତ୍ୱବୋଧ ଉତ୍କର୍ଷ ପୁରସ୍କାର ୨୦୨୩ ମୂଲ୍ୟାଙ୍କନ ବର୍ଷ ପାଇଁ ପ୍ରଦାନ କରିଥିଲେ । ରାଷ୍ଟ୍ରାୟତ ଉଦ୍ୟୋଗ ଯଥା- ସେଲ୍ (ରାଉରକେଲା), ସେଲ୍ (ବୋକାରୋ), ସେଲ୍ (ଭିଲାଇ), ଏନ୍.ଟି.ପି.ସି., ନାଲକୋ, ମହାନଦୀ କୋଲ ଲିଃ., ଆଇ.ଓ.ସି.ଏଲ୍ ରିଫାଇନାରୀ, ଓଡ଼ିଶା ମାଇନିଙ୍ଗ କରପୋରେସନ, ଆଦିତ୍ୟ ଆଲୁମିନିୟମ, ବେଦାନ୍ତ ଆଲୁମିନିୟମ, ହିଣ୍ଡାଲୋକୋ ଇଣ୍ଡଷ୍ଟ୍ରିଜ ଲିଃ, (ହିରାକୁଦ ଏଫଆରପି), ଅଲ୍ଟ୍ରାଟେକ ସିମେଣ୍ଟ, ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ, ବାଲ୍‌କୋ, ଡାଲମିୟା ସିମେଣ୍ଟ, କପିଳାସ ସିମେଣ୍ଟ, ଟିଆରଏସ୍ କୋସାକି, କୋକାକୋଲା, ମେଫେୟାର ହୋଟେଲ, କଳିଙ୍ଗ ହସ୍ପିଟାଲ ଇତ୍ୟାଦି ପ୍ରମୁଖ ସଂସ୍ଥାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ହରିଶଙ୍କରରେ ନୃସିଂହ ଚ୍ତୁର୍ଦ୍ଦଶୀ ବୈଶାଖ ମେଳା ଶେଷ ହେବାର ମାସେ ପରେ ପରେ ବି ସାଂସ୍କୃତିକ ଦଳ ମାନଙ୍କୁ ମିଳିନି ପାଉଣା

ଖପ୍ରାଖୋଲ,(ପିଏନ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ର ପ୍ରମୁଖ ପୁନ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ରେ ଗତ ପ୍ରାୟ ମାସେ ହେଲା ନୃସିଂହ ଚ୍ତୁରଦ୍ଦଶୀ ବୈଶାଖ ମେଳା ଶେଷ ହୋଇଛି । ପାଟଣାଗଡ ଦେବୋତ୍ତର ବିଭାଗ ତରଫରୁ ପ୍ରତି ବର୍ଷ ଏହି ମେଳା ଆୟୋଜିତ ହୋଇଥାଏ । ମେଳାରେ ହୋମ ଯଜ୍ଞ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଟେଣ୍ଟ, ଲାଇଟ୍ ର ବ୍ୟବସ୍ଥା ମଧ୍ୟ ହୋଇଥାଏ । ହେଲେ ଏହି କାର୍ଯ୍ୟକ୍ରମ ଶେଷ ହେବା ର ପ୍ରାୟ ଏକ ମାସ ପାଖାପାଖି ହୋଇଥିଲେ ମଧ୍ୟ ଦେବୋତ୍ତର ବିଭାଗ ତରଫରୁ ସାଂସ୍କୃତିକ ଦଳ ପରିବେଷଣ କରିଥିବା ଦଳକୁ ପାଉଣା ଦେଇ ନଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ସାଂସ୍କୃତିକ ଦଳ ତଥା ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ସୂଚନା ଯୋଗ୍ୟ ହରିଶଙ୍କର ଠାରୁ ଦେବୋତ୍ତର ବିଭାଗ ଅନ୍ନ ଭୋଗ, ନଡ଼ିଆ, ସୁଖା ଭୋଗ, ଆଦି ନିଲାମ କରି ୫୦ ଲକ୍ଷ ରୁ ଅଧିକ ଆୟ କରୁଥିଲେ ବି ଏହି ସ୍ଥାନ ର ମେଳାକୁ ଅଣ ଦେଖା କରୁଥିବା ଅଭିଯୋଗ ହେଉଛି । ଦେବୋତ୍ତର କମିଟି ସଦସ୍ୟ ଶଶି ପୁଝାରୀ ଙ୍କ ପାଖକୁ ସାଂସ୍କୃତିକ ଦଳ ର ସଦସ୍ୟ ପାଉଣା ପାଇଁ ଆସିଥିବା ବେଳେ ଦେବୋତ୍ତର ବିଭାଗ ଅଧିକାରୀ ଙ୍କ ଅଣଦେଖା କୁ ଦାୟୀ କରିଛନ୍ତି । ଏନେଇ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପାଟଣାଗଡ ଉପ ଜିଲ୍ଲାପାଳ ଅମିତ କୁମାର ନାଏକ ଙ୍କୁ ପଚାରିବାରୁ ନିର୍ବାଚନ କାର୍ଯ୍ୟ ପାଇଁ ଟିକିଏ ସମସ୍ୟା ହୋଇଛି । ମନ୍ଦିର ପରିଚାଳକ ବିଲ ଭାଉଚର୍ ଦେଇଛନ୍ତି । ଅଳ୍ପ ଦିନ ମଧ୍ୟରେ ସମସ୍ତ ଙ୍କ ପାଉଣା ଦିଆ ଯିବ ବୋଲି କହିଛନ୍ତି ।

## ସର୍ବସାଧାରଣ ନିମିତ୍ତ ବିଜ୍ଞପ୍ତି

ଏହି ବିଜ୍ଞପ୍ତି ସର୍ବସାଧାରଣଙ୍କ ଅବଗତି ପାଇଁ ଉଦ୍ଦିଷ୍ଟ ଯେ 'ଆମ ଅଧିକାର ମିଶନ' ନାମରେ ଏକ ରାଜନୈତିକ ଦଳ ପଞ୍ଜୀକୃତ ହେବାକୁ ପ୍ରସ୍ତାବ ଦିଆଯାଇଛି । ପ୍ଲଟ ନଂ- ୮୧୫, ଯଯାତି ନଗର, ନାରାୟଣ ଛକ, ଯାଜପୁର ଟାଉନ,ଯାଜପୁର,ଓଡ଼ିଶା --୭୫୫୦୦୧ରେ ଦଳର କାର୍ଯ୍ୟାଳୟ ଅବସ୍ଥିତ । ଲୋକ ପ୍ରତିନିଧି ଅଧିନିୟମ ୧୯୫୧ର ଧାରା ୨୯(କ) ଅନୁଯାୟୀ ଏକ ରାଜନୈତିକ ଦଳ ଭାବରେ ପଞ୍ଜୀକରଣ ପାଇଁ ଏହି ଦଳ ଭାରତର ନିର୍ବାଚନ ଆୟୋଗ, ନୂଆଦିଲ୍ଲୀରେ ଆବେଦନ ଦାଖଲ କରିଛନ୍ତି । ଦଳର ପଦାଧିକାରୀଙ୍କ ନାମ ଏବଂ ଠିକଣା ନିମ୍ନମତେ ଅଟେ ।ସଭାପତି - ଲୋକନାଥ ପ୍ରସାଦ ସାହୁ , ଗ୍ରାମ - ଡୁମୁକା, ଟାଉନ - ଡୁମୁକା, ଥାନା - ମାର୍ଶାଘାଇ, ଜିଲ୍ଲା - କେନ୍ଦ୍ରାପଡ଼ା , ସାଧାରଣସମ୍ପାଦକ-ସ୍ନେହଲତା ସାହୁ, ଗ୍ରାମ - ଡୁମୁକା, ଟାଉନ - ଡୁମୁକା ,ଥାନା - ମାର୍ଶାଘାଇ,ଜିଲ୍ଲା - କେନ୍ଦ୍ରାପଡ଼ା ,କୋଷାଧକ୍ଷ - ଶ୍ରାବଣୀ ସରିତା, ଗ୍ରାମ - ବାରବାଟି,ଟାଉନ - ବିଚ୍ଚିତ୍ରପୁର,ଥାନା - ଯାଜପୁର,ଜିଲ୍ଲା - ଯାଜପୁର । ଯଦି ' ଆମ ଅଧିକାର ମିଶନ ' (ପ୍ରସ୍ତାବିତ ଦଳର ନାମ) ପଞ୍ଜିକରଣରେ କାହାର କିଛି ଆପତ୍ତି ଥାଏ ତେବେ ସେମାନେ ଏହାର କାରଣ ସହିତ ନିଜର ଆପତ୍ତି ଭାରତର ନିର୍ବାଚନ ଆୟୋଗଙ୍କ ସଚିବ (ରାଜନୈତିକ ଦଳ) , ନିର୍ବାଚନ ସଦନ, ଅଶୋକା ରୋଡ, ନୂଆଦିଲ୍ଲୀ -୧୧୦୦୦୧ କୁ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ପଠାଇ ପାରନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray